ଆଶାହରା ହୁଅନା!



ଆଶିଷ୍ ରାଇଚୁର୍

କେବଳ ମାଗଣା ବଣ୍ଟନ ନିମନ୍ତେ
ଅଲ୍ ପିପୁଲ୍ସ ଚର୍ଚ୍ଚ ଏଣ୍ଡ ୱାର୍ଲ୍ଡ ଆଉଟରିଚ୍, ବାଙ୍ଗାଲୋର, ଭାରତ ଦ୍ୱାରା ମୁଦ୍ରଣ ଓ ବଣ୍ଟନ
ବର୍ତ୍ତମାନ ସଂଶୋଧନ: 2025

ଯୋଗାଯୋଗ ସୂଚନା
All Peoples Church & World Outreach,
319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: **bookrequest@apcwo.org**
Website: **apcwo.org**

ଅନ୍ୟଥା ସୂଚୀତ ନ ହେବା ପର୍ଯ୍ୟନ୍ତ, ସମସ୍ତ ଶାସ୍ତ୍ରର ଉଦ୍ଧୃତିଗୁଡ଼ିକ ପବିତ୍ର ବାଇବଲ, ବି. ଏସ. ଆଇ-ଓଡ଼ିଆ-ଓଭି ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ (BSI) ଦ୍ୱାରା ପ୍ରକାଶିତ । ଅନୁମତି ଦ୍ୱାରା ବ୍ୟବହୃତ । ସମସ୍ତ ଅଧିକାର ସଂରକ୍ଷିତ ।

ଆର୍ଥିକ ସହଭାଗିତା
ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟଗଣ, ସହକର୍ମୀଗଣ ଓ ବନ୍ଧୁମାନଙ୍କ ଆର୍ଥିକ ସାହାଯ୍ୟ ସକାଶେ ଏହି ପ୍ରକାଶନର ସମସ୍ତ ବହି ମାଗଣା ବଣ୍ଟନ କରିବା ପାଇଁ ସମ୍ଭବ ହୋଇଅଛି । ଯଦି ଆପଣ ଏହି ମାଗଣା ପ୍ରକାଶନ ମାଧ୍ୟମରେ ସମୃଦ୍ଧ ହୋଇଅଛନ୍ତି, ତେବେ ଆମର ଅଲ୍ ପିପୁଲ୍ସ ଚର୍ଚ୍ଚର ସମସ୍ତ ମାଗଣା ପ୍ରକାଶନର ମୁଦ୍ରଣ ଓ ବିତରଣରେ ଆର୍ଥିକ ସହାୟତା କରିବା ନିମନ୍ତେ ଆମେ ଆପଣଙ୍କୁ ନିମନ୍ତ୍ରଣ କରୁଛୁ। କିପରି ଆପଣ ସାହାଯ୍ୟ ଦାନ କରିପାରିବେ ଏଥିପାଇଁ ଆମର ୱେବସାଇଟ ଦେଖନ୍ତୁ **apcwo.org/give** କିମ୍ବା ଏହି ପୁସ୍ତକର ପଛ ପାର୍ଶ୍ୱରେ ଲେଖା ଥିବା "ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର" ପୃଷ୍ଠାଟି ଦେଖନ୍ତୁ ।

ମାଗଣା ଉତ୍ସର୍ଗୀକୃତ ପୁସ୍ତକଗୁଡ଼ିକ ଏବଂ ୱେବସାଇଟ ସମ୍ବନ୍ଧୀୟ ବିଷୟ
ଉପଦେଶଗୁଡ଼ିକ: apcwo.org/sermons | **ପୁସ୍ତକଗୁଡ଼ିକ:** apcwo.org/books
ଚର୍ଚ୍ଚର ଆପ: apcwo.org/app | **ବାଇବଲ ମହାବିଦ୍ୟାଳୟ:** apcbiblecollege.org
ଇ-ଶିକ୍ଷା: apcbiblecollege.org/elearn | **ପରାମର୍ଶ:** chrysalislife.org
ସଙ୍ଗୀତ: apcmusic.org | **ସେବକମାନଙ୍କ ସହଭାଗୀତା:** pamfi.org
ଏପିସି ବିଶ୍ୱସ୍ତରୀୟ ଲକ୍ଷ୍ୟ: apcworldmissions.org

(Odia–Don't Lose Hope)

ଆଶାହରା
ହୁଅନା!

ସୂଚୀପତ୍ର

1. ଜୀବନଯାତ୍ରା ସର୍ବଦା ସହଜସାଧ୍ୟ ନୁହେଁ 1

2. ଭରସା—ଖ୍ରୀଷ୍ଟିୟାନ ଜୀବନର ଅତ୍ୟାବଶ୍ୟକ ଅଂଶ 3

3. ଭରସାର ମହତ୍ତ୍ୱ 5

4. ଈଶ୍ୱର ଯିଏ କି ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିପାରନ୍ତି 8

5. ଏକ ନିରାଶାଜନକ ପରିସ୍ଥିତିରେ ଆଶାୟୀ ହେବା ପାଇଁ ଆଧାର 13

6. ଏକ ନିରାଶାଜନକ ପରିସ୍ଥିତିରେ ମୁଁ କଣ କରେ? 18

1
ଜୀବନଯାତ୍ରା ସର୍ବଦା ସହଜସାଧ୍ୟ ନୁହେଁ

ଆମ୍ଭେମାନେ ପ୍ରତ୍ୟେକେ ଅନେକ ସ୍ୱପ୍ନ, ଲକ୍ଷ୍ୟ, ଉଚ୍ଚାଭିଳାଷ ଓ ଆକାଂକ୍ଷା ନେଇ ଜୀବନଯାତ୍ରା ଆରମ୍ଭ କରିଥାଉ । ଆମେ ଯାହା କରିବାକୁ ଇଚ୍ଛା କରୁ, ଯେଉଁ ସ୍ଥାନକୁ ଯିବାକୁ ଚାହିଁଥାଉ ଓ ଜୀବନରେ ଯାହା ହେବାକୁ ଚାହିଁଥାଉ ସେ ବିଷୟରେ ଅନେକ ଉତ୍ସୁକତାର ସହିତ ଆମେ ଯୋଜନା ପ୍ରସ୍ତୁତ କରିଥାଉ । କିନ୍ତୁ ଯାତ୍ରା ମଧ୍ୟରେ ଆମକୁ ନିଶ୍ଚିତ ରୂପେ ଅନେକ ଝଡ଼ଝଞ୍ଝାର ସାମ୍ନା କରିବାକୁ ହୋଇଥାଏ । ଜୀବନଯାତ୍ରା ସର୍ବଦା ସରଳ ଓ ସ୍ୱାଭାବିକ ହୋଇନଥାଏ । ଆମେ ବାଞ୍ଛା କରିଥାଉ ଆମ ଜୀବନ ଗପବହି ପରି ସହଜ ହୋଇଥାନ୍ତା କି? କିନ୍ତୁ ସର୍ବଦା ସେପରି ହୋଇନଥାଏ । ଅନପେକ୍ଷିତ ଆହ୍ୱାନ, ଦୁଃଖକଷ୍ଟ ଓ ପରିସ୍ଥିତି ସମୂହ ଯାତ୍ରାପଥରେ ଆସି ପହଂଚିଥାନ୍ତି । ଏହିପରି ସମୟରେ ଆମର ସମସ୍ତ ଲକ୍ଷ୍ୟ ଓ ସ୍ୱପ୍ନ ଆଉ ସାକାର ହେବ ନାହିଁ ବୋଲି ମନେ ହୁଏ । ଅନେକ ସମୟରେ ଆମେ ଏପରି ପରିସ୍ଥିତି ସମୂହ ମଧ୍ୟରେ ପଡ଼ିଯାଉ ଯେ ସେଥିରୁ ରକ୍ଷା ପାଇବାର ଆଶା ଆଉ ନାହିଁ ବୋଲି ମନେ ହୁଏ । ଆମେ ଆଶାହରା ହୋଇପଡୁ । ଆମେ ପରିତ୍ୟକ୍ତ ମନେ କରୁ । ଆମେ ମନେ କରୁ, "ମୁଁ ଆଉ କିଛି କରିପାରିବି ନାହିଁ" ଅବା "ମୁଁ ମୋର ଲକ୍ଷ୍ୟ ହାସଲ କରିପାରିବି ନାହିଁ" । ଆମେ ଯେ ଆମ ଲକ୍ଷ୍ୟସ୍ଥଳରେ ପହଂଚିପାରିବୁ ନାହିଁ ସେ ବିଷୟ ଭାବିଭାବି ଆମେ ହତାଶାରେ ହଜିଯାଉ ।

ଅନେକ ସମୟରେ ଅନପେକ୍ଷିତ ଭାବରେ ଜୀବନର ଗତିପଥ ବଦଳିଯାଏ ଓ ଯେଉଁସବୁ ପରିସ୍ଥିତିକୁ ସାମ୍ନା କରିବାକୁ ଆମେ ଆଦୌ ପ୍ରସ୍ତୁତ ନ ଥାଉ ସେସବୁର ସମ୍ମୁଖୀନ ହେବାକୁ ହୋଇଥାଏ । ଆମେ ହୁଏତ ରାସ୍ତାର ଶେଷ ଭାଗରେ ପହଞ୍ଚି ଯାଉ ଓ ସେଠାରୁ ଅନ୍ୟସ୍ଥାନକୁ ଯିବାର ରାସ୍ତା ନଥାଏ । ଏହି ପୁସ୍ତକର ପାଠକ/ପାଠିକାମାନଙ୍କ ମଧ୍ୟରୁ କେହି ନା କେହି ହୁଏତ ନିରାଶାଜନକ ପରିସ୍ଥିତି ମଧ୍ୟରେ ରହିଥାଇପାରନ୍ତି । ହୁଏତ ଆପଣଙ୍କ ଚାକିରୀ, ବୃତ୍ତି, ଶିକ୍ଷା, ଗୃହ, ବିବାହ ବା ପରିବାରରେ ଏଭଳି ପରିସ୍ଥିତି । ଆପଣଙ୍କ ଜୀବନରେ ଅନେକ ବିଷୟ ସମ୍ପୂର୍ଣ୍ଣ

ବିଶୃଙ୍ଖଳିତ ହୋଇଥାଇପାରେ । କିନ୍ତୁ ମୁଁ ଆପଣଙ୍କୁ ଉତ୍ସାହିତ କରି କହିବାକୁ ଚାହେଁ ଯେ ବାଇବଲର ଈଶ୍ୱର ମୃତକୁ ପୁନର୍ଜୀବିତ କରିପାରନ୍ତି ଅର୍ଥାତ୍ ସେ ମୃତବତ୍ ଓ ଆଶାଶୂନ୍ୟ ପରିସ୍ଥିତି ଓ ଅବସ୍ଥାସବୁକୁ ଉଜ୍ଜୀବିତ କରିପାରନ୍ତି । ସେ ଚତୁଃପାର୍ଶ୍ୱର୍ସ୍ଥ ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିବାରେ ସିଦ୍ଧହସ୍ତ ଅଟନ୍ତି । ସେ ଯଦି ଆପଣଙ୍କ ସପକ୍ଷ ତେବେ ଆପଣ ନିରାଶାଜନକ ପରିସ୍ଥିତିରେ ମଧ୍ୟ ଆଶାର ସହିତ ଅଗ୍ରସର ହୋଇପାରିବେ । ସବୁକିଛି ଆଶାଶୂନ୍ୟ ମନେ ହେଉଥିବା ବେଳେ ଆପଣ ବିଜୟୀ ହୋଇ ବାହାରି ଆସିବେ । ଏହି ପୁସ୍ତକରେ ଅନେକ ଉତ୍ସାହଜନକ ବାକ୍ୟ ରହିଛି ଯାହାକି ଆମମାନଙ୍କୁ ନିରାଶ ନ ହେବାକୁ ପରାମର୍ଶ ଦେଇଥାଏ ।

ଆଶାୟୀ ହେବା ଗୁରୁତ୍ୱପୂର୍ଣ୍ଣ

ଆଶାୟୀ ହେବା ଅତି ଗୁରୁତ୍ୱପୂର୍ଣ୍ଣ । "ଆଶାର" ଅର୍ଥ ଭରସା, ଅପେକ୍ଷା, ଯାହା ଆମେ ଚାହିଁଥାଉ, ବାଞ୍ଛା, ସ୍ୱପ୍ନ ବା ଉଚ୍ଚାଭିଳାଷ । ଖ୍ରୀଷ୍ଟିୟାନ ଜୀବନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ହେଉଛି ଆଶା ବା ଭରସା । ଖ୍ରୀଷ୍ଟୀୟ ଆଚରଣର ତିନୋଟି ବିଶେଷ ଦିଗ ମଧ୍ୟରୁ ଭରସା ଅନ୍ୟତମ ।

1 କରିନ୍ଥୀୟ 13:13
ଅତଏବ ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ।

2
ଭରସା—ଖ୍ରୀଷ୍ଟିୟାନ ଜୀବନର ଅତ୍ୟାବଶ୍ୟକ ଅଂଶ

ବିଶ୍ୱାସୀ / ବିଶ୍ୱାସୀନି ଭାବରେ ଆମେ ଅନେକ ଆଗାମୀ ବିଷୟକୁ ନେଇ ଆଶା ରଖିଥାଉ ।

ଅନନ୍ତ ଜୀବନର ଭରସା

ତୀତସ 1:2

ଈଶ୍ୱରଙ୍କ ମନୋନୀତ ଲୋକମାନେ ଅନନ୍ତ ଜୀବନର ଭରସା ପ୍ରାପ୍ତ ହୋଇ ଯେପରି ବିଶ୍ୱାସ ଓ ଭକ୍ତିସଙ୍ଗତ ସତ୍ୟ ଜ୍ଞାନରେ ବୃଦ୍ଧି ପାଆନ୍ତି, ଏଥିନିମନ୍ତେ ମୁଁ ପ୍ରେରିତ ହୋଇଅଛି;

ଆମେ ଅନନ୍ତ ଜୀବନର ଅଧିକାରୀ ହେବୁ ବୋଲି ଆଶା ରଖିଛୁ । ଅନନ୍ତ ଜୀବନ ଆମ ଆତ୍ମାରେ ରହିଥିଲେ ହେଁ ଏହା ଭବିଷ୍ୟତରେ ଆମେ ପାଇବୁ ବୋଲି ଆଶାୟୀ ହୋଇ ଚାହିଁ ରହିଛୁ ।

ଗୌରବର ଭରସା

କଲସୀୟ 1:27

ବିଜାତିମାନଙ୍କ ମଧ୍ୟରେ ଈଶ୍ୱର ସେହି ନିଗୂଢ଼ ତତ୍ତ୍ୱର ଗୌରବରୂପ ଧନ ଯେ କଅଣ ତାହା ପ୍ରକାଶ କରିବାକୁ ଇଚ୍ଛା କଲେ, ସେହି ନିଗୂଢ଼ତତ୍ତ୍ୱ ଏହି, ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ, ସେ ଗୌରବର ଭରସା ସ୍ୱରୂପ ।

ଆମ ମଧ୍ୟରେ ଅନ୍ତର୍ବାସୀ ଖ୍ରୀଷ୍ଟ ଆମ ଗୌରବର ଭରସା ସ୍ୱରୂପ । ଏହି ଜଗତ ଠାରୁ ଉତ୍କୃଷ୍ଟତର ଆଗାମୀ ଜଗତରେ ଆମେ ଯେଉଁ ଜୀବନଯାପନ କରିବା ସେ ହିଁ ସେଥିର ଭରସା ସ୍ୱରୂପ । ଆମେ ଈଶ୍ୱରଙ୍କ ସଙ୍ଗେ ସ୍ୱର୍ଗରେ ତାହାଙ୍କ ସାନ୍ନିଧ୍ୟରେ ଚିରକାଳ ରହିବୁ ବୋଲି ଚାହିଁ ରହିଛୁ ।

ପରିତ୍ରାଣର ଭରସା

1 ଥେସଲନୀକୀୟ 5:8

କିନ୍ତୁ ଆସ, ଆମ୍ଭେମାନେ ଦିବସର ସନ୍ତାନ ହେବାରୁ ବିଶ୍ୱାସ ଓ ପ୍ରେମରୂପ ଉରସ୍ତ୍ରାଣ ପରିଧାନ କରି ପରିତ୍ରାଣର ଭରସାରୂପ ଶିରସ୍ତ୍ରାଣ ମସ୍ତକରେ ଦେଇ ସଚେତନ ରହିଥାଉ ।

1 ପିତର 1:7-9

[7]ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ, ତାହା ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ ।

[8]ତୁମ୍ଭେମାନେ ତାହାଙ୍କୁ ନ ଦେଖି ପ୍ରେମ କରୁଅଛ, ପୁଣି, ଏବେ ସୁଦ୍ଧା ନ ଦେଖିଲେ ହେଁ ତାହାଙ୍କ ଠାରେ ବିଶ୍ୱାସ କରି ଅକଥନୀୟ ଓ ଗୌରବଯୁକ୍ତ ଆନନ୍ଦରେ

[9]ଆନନ୍ଦିତ ହୋଇ ତୁମ୍ଭମାନଙ୍କ ବିଶ୍ୱାସର ଲକ୍ଷ୍ୟ ଯେ ଆତ୍ମାର ପରିତ୍ରାଣ, ତାହା ପାଉଅଛ । ଭାବବାଦୀମାନେ ତୁମ୍ଭମାନଙ୍କ ନିମନ୍ତେ ନିରୂପିତ ଅନୁଗ୍ରହ ବିଷୟରେ ଭାବବାଣୀ ପ୍ରକାଶ କଲେ,

ବର୍ତ୍ତମାନ ପରିତ୍ରାଣର ପ୍ରାରମ୍ଭ ହୋଇଥିଲେ ହେଁ ପରିତ୍ରାଣର ଅନ୍ୟ ଏକ ଅଂଶକୁ ପାଇବା ପାଇଁ ଆମେ ଅନାଇ ରହିଛୁ ।

ଖ୍ରୀଷ୍ଟଙ୍କ ଆଗମନର ଭରସା

ତୀତସ 2:13

ସେହି ଆନନ୍ଦଦାୟକ ଭରସା ପୁଣି ଆମ୍ଭମାନଙ୍କ ମହାନ୍ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁଙ୍କ ଗୌରବର ପ୍ରକାଶ ଅପେକ୍ଷାରେ ରହୁ ।

ପୁନରୁତ୍ଥାନର ଭରସା

ପ୍ରେରିତ 24:15

ଧାର୍ମିକ ଓ ଅଧାର୍ମିକ ଉଭୟଙ୍କର ପୁନରୁତ୍ଥାନ ହେବ ବୋଲି ଯାହା ଏମାନେ ନିଜେ ଅପେକ୍ଷା କରନ୍ତି, ମୁଁ ମଧ୍ୟ ଈଶ୍ୱରଙ୍କ ଠାରେ ସେହିପ୍ରକାର ଭରସା ରଖିଅଛି ।

3
ଭରସାର ମହତ୍ତ୍ୱ

ଆମ ଦୈନନ୍ଦିନ ଜୀବନରେ ଭରସାର ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ । ନିରାଶାଜନକ ପରିସ୍ଥିତିରେ ମଧ୍ୟ ଆମେ ଆଶାପୂର୍ଣ୍ଣ ଜୀବନଯାପନ କରିବା ଉଚିତ । ସର୍ବଦା ଭରସାଯୁକ୍ତ ହୋଇ ଜୀବନଯାପନ କରିବା ଯେ କାହିଁକି ଗୁରୁତ୍ୱପୂର୍ଣ୍ଣ ତା'ର ଅନେକ କାରଣ ରହିଛି ।

ଆଶା ସିଦ୍ଧିରେ ବିଳମ୍ବ ଘଟିଲେ ଅନ୍ତରସ୍ଥ ବ୍ୟକ୍ତି ଦୁର୍ବଳ ହୋଇପଡ଼େ

ହିତୋପଦେଶ 13:12

ଆଶାସିଦ୍ଧିର ବିଳମ୍ବ ମନର ପୀଡ଼ାଜନକ; ମାତ୍ର ବାଞ୍ଛାର ସିଦ୍ଧି ଜୀବନ ବୃକ୍ଷ ସ୍ୱରୂପ।

ଅନେକ ସମୟରେ ଆମର ଆକାଂକ୍ଷିତ ବିଷୟ ପାଇବାରେ ବିଳମ୍ବ ଘଟିଥାଏ । କୌଣସି ବର୍ଷ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପନ୍ନ ହେବାକୁ ଆମେ ଅପେକ୍ଷା କରିଥାଉ କିନ୍ତୁ ବର୍ଷ ବିତିଗଲେ ବି ତାହା ହୋଇପାରେନା । ପର ବର୍ଷ କାର୍ଯ୍ୟଟି ହୋଇପାରିବ ବୋଲି ଆମେ ଆଶା ବାନ୍ଧିଥାଉ, ତଥାପି ତାହା ହୋଇନପାରେ । ଏପରି ବିଳମ୍ବ ଘଟିଚାଲିଲେ ଆମେ ଆଶା ହରାଇ ବସୁ ଓ ଆନ୍ତରିକ ଭାବେ ଦୁର୍ବଳ ହୋଇପଡୁ । ଅନ୍ୟ ପକ୍ଷରେ ଆମେ ଯଦି ଆମର ଆକାଂକ୍ଷିତ ବିଷୟ ପାଇଯାଉ ତେବେ ତାହା ଜୀବନ ବୃକ୍ଷ ସଦୃଶ ହୋଇଥାଏ। ଏହା ଆମକୁ ଶକ୍ତିଯୁକ୍ତ ଓ ସତେଜ କରେ । ଆମେ ସତେଜ ହୋଇ ନୂଆ ବଳ ପାଇଥାଉ । ଆମର ବିଶ୍ୱାସ ବୃଦ୍ଧିପାଏ । ଆମେ ପ୍ରେରଣା ପାଉ ଓ ଅଗ୍ରସର ହୋଇପାରୁ ।

ଭରସା ପ୍ରାଣର ଲଙ୍ଗର ସ୍ୱରୂପ

ଏବ୍ରୀ 6:19

ସେହି ଭରସା ଆତ୍ମାନଙ୍କ ଆତ୍ମାର ଲଙ୍ଗର ସ୍ୱରୂପ ।

ଭରସା ପ୍ରାଣର ଲଙ୍ଗର ସ୍ୱରୂପ । "ପ୍ରାଣ" କହିଲେ ମନ, ଇଚ୍ଛା ଓ ଭାବପ୍ରବଣତାକୁ ବୁଝାଏ । ଜାହାଜକୁ ସ୍ଥିର ରଖିବାକୁ ଲଙ୍ଗର ବ୍ୟବହୃତ ହୋଇଥାଏ । ପ୍ରାଣ ନିମନ୍ତେ

ଭରସା ଅନୁରୂପ କାର୍ଯ୍ୟ କରିଥାଏ । ଲଙ୍ଗର ପକାଇଲେ ଝଡ଼ ତୋଫାନ ମଧ୍ୟରେ ସୁଦ୍ଧା ଜାହାଜ ସ୍ଥିର ରହେ । ବାଇବଲ କହେ *ଭରସା ପ୍ରାଣର ଲଙ୍ଗର୍ ସ୍ୱରୂପ* । ଏହାର ଅର୍ଥ ଯଦି ମୋର ଭରସା ନାହିଁ ତେବେ ମୋର ପ୍ରାଣ—ମୋର ଇଚ୍ଛା, ଭାବପ୍ରବଣତା ଓ ବୁଦ୍ଧିଜୀବନର ଝଡ଼ଝଞ୍ଝା ମଧ୍ୟରେ ସ୍ଥିର ରହିପାରିବ ନାହିଁ ଓ ଦୁର୍ବଳ ହୋଇପଡ଼ିବ । ଲୋକେ ସମ୍ପୂର୍ଣ୍ଣ ରୂପେ ଭରସାହୀନ ହୋଇପଡ଼ିଲେ ସେମାନଙ୍କ ଜୀବନର ଝଡ଼ବତାସ ସେମାନଙ୍କ ପ୍ରତିକୂଳ ଯାତ୍ରାରେ ଅତି ଶକ୍ତିଶାଳୀ ମନେ ହୁଏ । ସେମାନେ ନିରାଶ ହୋଇ ପଡ଼ି ସହଜେ ଭାଙ୍ଗି ପଡ଼ନ୍ତି । ଜୀବନରେ ବଞ୍ଚିବା ସେମାନେ ନିରର୍ଥକ ମନେ କରନ୍ତି । "କେହି ମୋ ନିମନ୍ତେ ଚିନ୍ତା କରନ୍ତି ନାହିଁ", "ସବୁ କିଛି ବିଗିଡ଼ି ଯାଇଛି", "ଏହାକୁ ଆଉ କେବେ ସଜାଡ଼ି ହେବ ନାହିଁ"—ଏପରି ନିରାଶାଜନକ ଚିନ୍ତାମାନ ମନକୁ ପ୍ଲାବିତ କରେ । ଏପରି ପରିସ୍ଥିତି ଆସିଲେ ଅନେକେ ଆତ୍ମହତ୍ୟା କରିବା କଥା ବି ଚିନ୍ତା କରିଥାନ୍ତି । ଏଣୁ ଅତି କଷ୍ଟକର ପରିସ୍ଥିତିରେ ମଧ୍ୟ ଭରସା ନ ହରାଇବା ଅତି ଗୁରୁତ୍ୱପୂର୍ଣ୍ଣ । ବାସ୍ତବରେ ଭରସା ପ୍ରାଣର ଲଙ୍ଗର ସ୍ୱରୂପ ।

ଭରସା ବିଶ୍ୱାସର ପୂର୍ବଲକ୍ଷଣ

ଏବ୍ରୀ 11:1

ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ

ଭରସା ଗୁରୁତ୍ୱପୂର୍ଣ୍ଣ, କାରଣ ବିଶ୍ୱାସ ଭରସା ଉପରେ ନିର୍ଭରଶୀଳ । ପ୍ରଥମେ ଭରସା ତା'ପରେ ବିଶ୍ୱାସ ଜ୍ଞାତ ହୋଇଥାଏ । ଭରସା ଥିଲେ ହିଁ ବିଶ୍ୱାସ ଆସିଥାଏ । ଧରନ୍ତୁ ଜଣେ ବ୍ୟକ୍ତି ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଛି ଓ ଡାକ୍ତରମାନେ କହୁଛନ୍ତି ଚିକିତ୍ସା ବିଜ୍ଞାନ ତାକୁ ସାହାଯ୍ୟ କରିବା ପାଇଁ ଆଉ କିଛି କରିପାରିବ ନାହିଁ, ସେ ଅଳ୍ପ କିଛି ଦିନ ବଞ୍ଚିବ । ଅଧିକାଂଶ ଲୋକ ଏପରି ପରିସ୍ଥିତିରେ ସେହି ବ୍ୟକ୍ତିର ବଞ୍ଚିବା ଆଶା ଛାଡ଼ି ଦେବେ । ତା'ର ଶେଷ ମୁହୂର୍ତ୍ତ ସବୁ କିପରି କଟିବ, ସେ ମଲାବେଳେ କ'ଣ କହିବ ଓ କିପରି ତା'ର ସମାଧିକ୍ରିୟା ହେବ ଏସବୁକୁ ନେଇ ସେମାନେ କଳ୍ପନାଜଳ୍ପନା କରିଚାଲିବେ । ଜଣେ ଭରସାହୀନ ହୋଇପଡ଼ିଲେ ବିଶ୍ୱାସ ନିଷ୍କ୍ରିୟ ହୋଇପଡ଼େ, କାରଣ *"ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି"* । ଜଣେ ବ୍ୟକ୍ତି ସୁସ୍ଥ ହେବ ବୋଲି ଯଦି ଆଶା କରିପାରୁନି, ତେବେ ଈଶ୍ୱର ତାକୁ ସୁସ୍ଥ କରିବେ ବୋଲି ତା' ମଧ୍ୟରେ ବିଶ୍ୱାସ ଜାଗ୍ରତ ହେବା ପ୍ରାୟ ଅସମ୍ଭବ । ଏଣୁ ଈଶ୍ୱରଙ୍କ ଠାରେ ବିଶ୍ୱାସ କରିବା କ୍ଷେତ୍ରରେ ଭରସା ଉପରି ପାଉଣା ସଦୃଶ । ଅସୁସ୍ଥ ବ୍ୟକ୍ତିଜଣକ ଅନ୍ତତଃ ନିଜର କଳ୍ପନା ଚକ୍ଷୁରେ

ଦେଖିବା ଉଚିତ ଯେ ସେ ମୃତ୍ୟୁଶଯ୍ୟା ଛାଡ଼ି ସୁସ୍ଥ ହୋଇ ଚାଲିଯାଉଛି । ଡାକ୍ତରମାନେ ତା' ଉପରୁ ଆଶା ଛାଡ଼ି ଦେଇ ପାରିଥାନ୍ତି, କିନ୍ତୁ ସେ ଭରସା ରଖିବା ଉଚିତ ଯେ, ସ୍ୱର୍ଗୀୟ ଈଶ୍ୱର ତାକୁ ସୁସ୍ଥ କରିପାରନ୍ତି ଓ ସେ ତାହା ସାଧନ କରିବାକୁ ଅଧିକ ରୂପେ ଇଚ୍ଛା କରିଥାନ୍ତି । ସମ୍ପୂର୍ଣ୍ଣ ରୂପେ ସୁସ୍ଥତା ଲାଭ କରିବାର ଭରସା ରହିଲେ ବିଶ୍ୱାସ ଜାତ ହେବ ଓ ସେ ସୁସ୍ଥ ହୋଇପାରିବ ।

4
ଈଶ୍ୱର ଯିଏ କି ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିପାରନ୍ତି

ଆମେ ବୁଝିବା ଆବଶ୍ୟକ ଯେ, ପରିସ୍ଥିତି ଯାହା ହେଉ ନା କାହିଁକି, ଯେତେ ନିରାଶାଜନକ ମନେ ହେଉ ନା କାହିଁକି ସମସ୍ତ ନିରାଶାଜନକ ପରିସ୍ଥିତିକୁ ବଦଳାଇ ପାରିବା କ୍ଷମତା କେବଳ ଈଶ୍ୱରଙ୍କଠାରେ ହିଁ ରହିଛି । ଆମେନ୍! ଏହି ନିରାଶାଜନକ ପରିସ୍ଥିତିର କାରଣ ହୁଏତ ଆପଣଙ୍କ ବିବାହ, ଆପଣଙ୍କ କାର୍ଯ୍ୟ, ଆପଣଙ୍କ ପିଲାମାନେ, ଅର୍ଥର ଅଭାବ, ଚାକିରୀ ବା ଶିକ୍ଷା ବା ଅନ୍ୟ କିଛି ହୋଇପାରେ । ପରିସ୍ଥିତି ଯାହା ହେଉନା କାହିଁକି ଆମେ ମନେ ରଖିବା ଉଚିତ ଯେ ଆମେ ଯେଉଁ ଈଶ୍ୱରଙ୍କର ସେବା କରୁ ସେ ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିପାରନ୍ତି । ଏଣୁ ଆମେ ଆଶା ଶୂନ୍ୟ ହେବା ଅନୁଚିତ । ବାଇବଲର କେତୋଟି ଜଣାଶୁଣା ଘଟଣାଗୁଡ଼ିକ ଆମେ ଧ୍ୟାନ କରିବା କିପରି ଈଶ୍ୱର ନିରାଶାଜନକ ପରିସ୍ଥିତି ସବୁକୁ ପରିବର୍ତ୍ତନ କରିଥିଲେ ।

ଗରୀବ ବିଧବା

ଜଣେ ବ୍ୟକ୍ତି ଅନେକ ଅର୍ଥ କରଜ କରିଥିଲେ ଓ ମୃତ୍ୟୁବେଳକୁ ସେସବୁ ପରିଶୋଧ ହୋଇପାରିନଥିଲା । ତାଙ୍କର ଦୁଇ ପୁଅ ଓ ସ୍ତ୍ରୀ ଜୀବିତ ଥିଲେ (2 ରାଜାବଳୀ 4:1-7) । ଋଣଦାତାମାନେ ଆସି କରଜ ଶୁଝିବା ପାଇଁ ଦାବି କରୁଥିଲେ ଓ ଶୁଝି ନ ପାରିଲେ ଦୁଇପୁଅଙ୍କୁ ନେଇଯିବା ପାଇଁ ଧମକ ଦେଉଥିଲେ । ଏହି ସ୍ତ୍ରୀ ଲୋକର ପରିସ୍ଥିତି ନିଶ୍ଚିତ ରୂପେ ନିରାଶାଜନକ ଥିଲା । ସେ ପ୍ରଭୁଙ୍କ ଦାସ ଇଲୀଶାୟଙ୍କ ନିକଟକୁ ଯାଇ ତା'ର ଦୁର୍ଦ୍ଦଶା ବର୍ଣ୍ଣନା କଲା ଓ ତାଙ୍କ ସାହାଯ୍ୟ ଭିକ୍ଷା କଲା । ସେ ତାକୁ ପଚାରିଲେ ସେ ଘରେ କ'ଣ ରଖିଛି। ସ୍ତ୍ରୀ ଲୋକଟି କହିଲା ଏକ ପାତ୍ର ତୈଳ ଛଡ଼ା ତାଙ୍କ ଘରେ ଆଉ କିଛି ନାହିଁ । ଇଲୀଶାୟ ତାକୁ କହିଲେ ଯେତେ ପାରିବ ସେତେ ଶୂନ୍ୟ ପାତ୍ର ସଂଗ୍ରହ କରି ସେଥିରେ ସେ ସେହି ତୈଳ ଭର୍ତ୍ତିକରୁ । ଆଶ୍ଚର୍ଯ୍ୟଜନକ ଭାବେ ଗୋଟିଏ ପାତ୍ରର ତୈଳରେ ସବୁ ପାତ୍ରରେ ତୈଳ ଭର୍ତ୍ତି ହେଲା । ସେହି ସବୁ ପାତ୍ରର ତୈଳ ବିକ୍ରି କରି କରଜ ଶୁଝି ନୂଆ ଜୀବନ ଆରମ୍ଭ କରିବାକୁ ଇଲୀଶାୟ ପରାମର୍ଶ ଦେଲେ । ଏହି ସ୍ତ୍ରୀ

ଲୋକର ଅଭାବକୁ ଆଶ୍ଚର୍ଯ୍ୟଜନକ ଭାବେ ପୂରଣ କରି ଈଶ୍ୱର ଏକ ନିରାଶାଜନକ ପରିସ୍ଥିତିକୁ ପରିବର୍ତ୍ତନ କରିଥିଲେ ।

ବିବାହ ଭୋଜରେ ସାଧିତ ଆଶ୍ଚର୍ଯ୍ୟକର୍ମ

ବିବାହ ଭୋଜର ଅଧ୍ୟକ୍ଷଙ୍କ ପାଖରେ ଦ୍ରାକ୍ଷାରସ ନଥିଲା । ଏକ ସାଧାରଣ ଅଭାବ, ତଥାପି ପରିସ୍ଥିତି ଅଣାୟତ୍ତ, ଆଶାଶୂନ୍ୟ ଥିଲା । କ'ଣ କରିବେ ବୋଲି ଚିନ୍ତା କରୁଥିବା ବେଳେ ଯୀଶୁଙ୍କ ମାତା ମରିୟମ୍ ଭୋଜର ପରିଚାରକମାନଙ୍କୁ କହିଲେ, "ଯୀଶୁ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର" । ଯୀଶୁ ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯେପରି ସେମାନେ ଜଳପାତ୍ର ସବୁକୁ ଜଳରେ ଭର୍ତ୍ତି କରି ଅତିଥିମାନଙ୍କୁ ପରିବେଷଣ କରନ୍ତି । ଆଶ୍ଚର୍ଯ୍ୟଜନକ ଭାବରେ ଜଳ ଦ୍ରାକ୍ଷାରସରେ ପରିଣତ ହେଲା ଓ ବିବାହ ଭୋଜରେ ଯୋଗ ଦେଇଥିବା ସମସ୍ତେ ପରିତୃପ୍ତ ହେଲେ (ଯୋହନ 2:1-11) । ଆଶ୍ଚର୍ଯ୍ୟ ଯୋଗାଣର ଅନ୍ୟ ଏକ ଉଦାହରଣ! ପ୍ରଭୁଙ୍କ କଥା ଶୁଣି ସେ ଯାହା କହନ୍ତି ତାହା କରିବା ଦ୍ୱାରା ନିରାଶାଜନକ ପରିସ୍ଥିତିରେ ପରିବର୍ତ୍ତନ ଆସେ ।

ଏକ ନିରାଶାଜନକ ରାତ୍ରିର ପରବର୍ତ୍ତୀ ସକାଳ

ପ୍ରଭୁ ଯୀଶୁଙ୍କ ଦ୍ୱାରା ସାଧିତ ଏହା ଏକ ବ୍ୟବସାୟିକ ଆଶ୍ଚର୍ଯ୍ୟକର୍ମ ଥିଲା ଯାହା ଲୁକ 5 ଅଧ୍ୟାୟରେ ଆମ୍ଭେ ପଢୁ । ପିତରଙ୍କର ଅନ୍ୟ "ବ୍ୟବସାୟୀ ଅଂଶୀଦାରମାନେ" ଥିଲେ—ଯାକୁବ, ଯୋହନ ଓ ଆନ୍ଦ୍ରିୟ । ଏମାନେ ମାଛ ବ୍ୟବସାୟ କରୁଥିଲେ । ସେମାନେ ମାଛୁଆ ଥିଲେ । ଥରେ ସାରା ରାତି ଜାଲ ପକାଇ ସେମାନେ କିଛି ହେଲେ ଧରିପାରି ନ ଥିଲେ । ପରଦିନ ସକାଳେ ସେମାନେ ସମୁଦ୍ରରୁ ଫେରିବା ବେଳେ ଯୀଶୁଙ୍କ ସଙ୍ଗେ ସେମାନଙ୍କର ସାକ୍ଷାତ ହେଲା । ତାଙ୍କ ବାକ୍ୟ ଶୁଣିବାକୁ ସମୁଦ୍ର କୂଳରେ ଏକତ୍ର ହୋଇଥିବା ଜନତାଙ୍କ ନିକଟରେ ସେମାନଙ୍କର ନୌକା ଉପରେ ରହି ପ୍ରଚାର କରିବେ ବୋଲି ସେ ସେମାନଙ୍କୁ ଅନୁରୋଧ କଲେ । ପ୍ରଚାର ସରିବା ପରେ ଯୀଶୁ ପିତରଙ୍କୁ କହିଲେ ଯେପରି ସେ ଆଉ ଥରେ ସମୁଦ୍ର ଭିତରକୁ ଯାଇ ଜାଲ ପକାନ୍ତି । ପିତର କହିଲେ, *"ହେ ପ୍ରଭୁ, ଆମ୍ଭେମାନେ ରାତିଯାକ ପରିଶ୍ରମ କରି କିଛି ଧରି ନାହୁଁ, କିନ୍ତୁ ଆପଣଙ୍କ କଥାରେ ମୁଁ ଜାଲ ପକାଇବି"* (ଲୂକ 5:5) । ପିତର ଜାଣିଥିଲେ ଯେ ସେ ନିଜ ଚେଷ୍ଟାରେ କିଛି ମାଛ ଧରିପାରି ନାହାନ୍ତି । ତଥାପି ସେ ଯୀଶୁଙ୍କ କଥା ମାନି ଆଉ ଥରେ ଚେଷ୍ଟା କରିବାକୁ ଇଚ୍ଛୁକ ଥିଲେ ।

ପ୍ରଭୁଙ୍କର ପଦେ କଥା ନିରାଶାଜନକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା । ପ୍ରଭୁଙ୍କ ନିର୍ଦ୍ଦେଶ ପ୍ରତି ପିତରଙ୍କ ଅକୁଣ୍ଠିତ ବାଧ୍ୟତା ଦ୍ୱାରା ଏକ "ଆର୍ଥିକ ଆଶ୍ଚର୍ଯ୍ୟକର୍ମ" ସାଧିତ ହୋଇଥିଲା ।

ଇଶ୍ରାଏଲ ଜାତି

ଯିହୁଦୀ ଲୋକମାନେ ସମଗ୍ର ଜଗତରେ ଛିନ୍ନଛତ୍ର ଓ ବିକ୍ଷିପ୍ତ ହୋଇ ବାସ କରୁଥିଲେ । ସେମାନେ ନିରାଶ ହୋଇ ପଡ଼ିଥିଲେ । ଯିହିଜିକଲ 37 ପର୍ବରେ ଈଶ୍ୱର ଯିହିଜିକଲଙ୍କୁ ଏକ ଶୁଷ୍କ ଅସ୍ଥିରେ ପୂର୍ଣ୍ଣ ଉପତ୍ୟକା ଦେଖାଇ କହିଲେ ଯେ, ଏହା ଇଶ୍ରାଏଲ୍‌ର ସାମ୍ପ୍ରତିକ ଦଶାକୁ ସୂଚାଏ । *"ହେ ମନୁଷ୍ୟସନ୍ତାନ ଏହି ଅସ୍ଥିସକଳ ସମୁଦାୟ ଇଶ୍ରାଏଲ୍ ବଂଶ ଅଟନ୍ତି; ଦେଖ, ସେମାନେ କହିନ୍ତି, ଆମ୍ଭମାନଙ୍କର ଅସ୍ଥିସବୁ ଶୁଷ୍କ ହୋଇଅଛି, ଆମ୍ଭମାନଙ୍କର ଭରସା ନଷ୍ଟ ହୋଇଅଛି; ଆମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ଉଚ୍ଛିନ୍ନ ହୋଇଅଛୁ"* (ଯିହିଜିକଲ 37:11)।

ଈଶ୍ୱର ଯିହିଜିକଲ୍‌ଙ୍କୁ ନିର୍ଦ୍ଦେଶ ଦେଲେ ଯେପରି ସେ ଏହି ଶୁଷ୍କ ଅସ୍ଥି ସକଳ ନିକଟରେ ଭବିଷ୍ୟଦ୍‌ବାଣୀ ପ୍ରଚାର କରନ୍ତି । *"ଏଥିପାଇଁ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି ସେମାନଙ୍କୁ କୁହ, ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି; ହେ ଆମ୍ଭର ଲୋକେ, ଦେଖ, ଆମ୍ଭେ ତୁମ୍ଭମାନଙ୍କର କବର ମୁକ୍ତ କରିବା ଓ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କ କବରରୁ ବାହାର କରାଇବା, ଆଉ ତୁମ୍ଭମାନଙ୍କୁ ଇଶ୍ରାଏଲ୍ ଦେଶକୁ ଆଣିବା।"* (ଯିହିଜିକଲ 37:12) । ଯିହୁଦୀଲୋକଙ୍କ ଏକତ୍ରୀକରଣ ଓ ଇଶ୍ରାଏଲ୍ ଜାତିର ପୁନର୍ଗଠନ ସମ୍ପର୍କରେ ଈଶ୍ୱର ତାଙ୍କ ଭାବବାଦୀଙ୍କ ଦ୍ୱାରା ବହୁ ପୂର୍ବରୁ ଭାବବାଣୀ ପ୍ରକାଶ କରିଥିଲେ । ମେ 14, 1948ରେ ଈଶ୍ୱର ତାହାଙ୍କ ବାକ୍ୟ ସଫଳ କରିଥିଲେ । ଇଶ୍ରାଏଲ୍ ଏକ ରାଷ୍ଟ୍ରଭାବରେ ଜନ୍ମ ନେଲା । ପୃଥିବୀର ବିଭିନ୍ନ ପ୍ରାନ୍ତରରେ ରହିଥିବା ଯିହୁଦୀମାନେ ନିଜ ଦେଶକୁ ଫେରି ଆସିବାକୁ ଲାଗିଲେ ।

ଏଣୁ ଯାହା ଆଶାଶୂନ୍ୟ ମନେ ହୁଏ ଈଶ୍ୱର ତାହାକୁ ପରିବର୍ତ୍ତନ କରିଦେଇ ପାରନ୍ତି । "କବର ସବୁକୁ" ଉନ୍ମୁକ୍ତ କରି "ଶୁଷ୍କ ଅସ୍ଥିସକଳକୁ" ପୁନର୍ଜୀବିତ କରି ପରିସ୍ଥିତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାକୁ ଈଶ୍ୱର ଇଚ୍ଛା କରନ୍ତି । ଈଶ୍ୱରଙ୍କ ନିକଟରେ ନିରାଶାଜନକ ପରିସ୍ଥିତି ବୋଲି କିଛି ନାହିଁ ।

ଅବ୍ରାହମ ଓ ସାରା

ଅବ୍ରହାମ ଓ ସାରା ଏକ ସନ୍ତାନ ଲାଭ କରିବେ ବୋଲି ଈଶ୍ୱର ସେମାନଙ୍କୁ ଯେତେବେଳେ ପ୍ରତିଜ୍ଞା ଦେଲେ ସେତେବେଳେ ସେମାନେ ବୃଦ୍ଧ ଓ ଗତବୟସ୍କ ଥିଲେ । ସେ ସେମାନଙ୍କୁ ପ୍ରତିଜ୍ଞା ଦେଇ କହିଲେ ଯେ, ସେମାନେ ଏକ ପୁତ୍ର ଲାଭ କରିବେ ଓ ଏହି ପୁତ୍ରର ବଂଶଧର ଆକାଶର ତାରା ଓ ସମୁଦ୍ରର ବାଲୁକା ପରି ଅସଂଖ୍ୟ ହେବେ । ସନ୍ତାନ ପାଇବା କ୍ଷେତ୍ରରେଏହା ଏକ ନିରାଶାଜନକ ପରିସ୍ଥିତି ଥିଲା, କାରଣ ଦୀର୍ଘ ବର୍ଷ ଧରି ସେମାନେ ନିଃସନ୍ତାନ ଥିଲେ । ଅବ୍ରହାମ୍‌ଙ୍କ ବୟସ 99 ବର୍ଷ ଓ ସାରା ବନ୍ଧ୍ୟା ଥିଲେ, ଏଣୁ କୌଣସି ଆଶା ନଥିଲା ।

ଏହି ପରିସ୍ଥିତି ସମ୍ପର୍କରେ ବାଇବଲ୍ କ'ଣ କହେ ତାହା ରୋମୀୟ 4:17,18ରେ ଆମେ ପଢୁ । ଅନୁସରଣ କରିବା ପାଇଁ ଏହା ଏକ ମହାନ୍ ଆଦର୍ଶ ।

ରୋମୀୟ 4:17,18

17 ଯେଉଁ ଈଶ୍ୱରଙ୍କୁ ସେ ବିଶ୍ୱାସ କଲେ, ଯେ ମୃତମାନଙ୍କୁ ସଜୀବ କରନ୍ତି ଓ ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି, ସେହି ଈଶ୍ୱରଙ୍କ ଦୃଷ୍ଟିରେ ସେ ଆମ୍ଭ ସମସ୍ତଙ୍କର ପିତା ଅଟନ୍ତି, ଯେପରି ଲେଖାଅଛି, ଆମ୍ଭେ, ତୁମ୍ଭଙ୍କୁ ବହୁଜାତିର ପିତା କରିଅଛୁ ।

18 ଏହିପରି ତୁମ୍ଭର ବଂଶ ହେବ" ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ" ।

ଅବ୍ରହାମ *"ଆଶା ନ ଥିଲେ ସୁଦ୍ଧା ଆଶା ରଖି ବିଶ୍ୱାସ କଲେ"* । ଭରସାର କୌଣସି କାରଣ ନ ଥିଲେ ମଧ୍ୟ ଈଶ୍ୱରଙ୍କ ବାକ୍ୟରେ ଭରସା ରଖି ସେ ବିଶ୍ୱାସ କଲେ । ସେ ଆଶା ରଖି ବିଶ୍ୱାସ କରିବାରୁ, *"ଯେଉଁ କଥା କୁହାଯାଇଥିଲା ... ତଦନୁସାରେ ... ହେଲେ"* ।

ଈଶ୍ୱର ଆପଣଙ୍କୁ ଯଦି କୌଣସି ପ୍ରତିଜ୍ଞା ଦିଅନ୍ତି, କେବେହେଲେ କୁହନ୍ତୁ ନାହିଁ, "ପ୍ରଭୁ, ଏହି ପ୍ରତିଜ୍ଞା ହାସ୍ୟାସ୍ପଦ" । ଈଶ୍ୱର ଦତ୍ତ ପ୍ରତିଜ୍ଞା କେବେ ହେଲେ ହାସ୍ୟାସ୍ପଦ ହୋଇପାରିବ ନାହିଁ, କାରଣ ଈଶ୍ୱର ମୃତକୁ ଜୀବନଦାନ କରିପାରନ୍ତି । ଏଣୁ ପରିସ୍ଥିତି ଯେତେ ନିରାଶାଜନକ ହେଲେ ମଧ୍ୟ ଈଶ୍ୱରଙ୍କ ପ୍ରତିଜ୍ଞା ସଫଳ ହେବା ନିଶ୍ଚିତ । ମନେ ରଖନ୍ତୁ ଯେଉଁ ଈଶ୍ୱର ଆପଣଙ୍କୁ କଥା କହୁଛନ୍ତି ସେ ମୃତମାନଙ୍କୁ ସଜୀବ କରନ୍ତି ଓ ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି । ସେ ଯେ କୌଣସି ପରିସ୍ଥିତିକୁ ପରିବର୍ତ୍ତନ

କରିଦେଇପାରନ୍ତି । ଈଶ୍ୱର ଯେ କେବଳ ପରିସ୍ଥିତିକୁ ସୁଧାରି ପାରନ୍ତି ତା' ନୁହେଁ ସେ ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇ ପାରନ୍ତି! ଯେଉଁ ବିଷୟର ଅସ୍ତିତ୍ୱ ନାହିଁ ତାହାକୁ ସେ ସୃଷ୍ଟି କରିପାରନ୍ତି । ବର୍ତ୍ତମାନ ଆପଣଙ୍କ ଘରେ ଶାନ୍ତି ନାହିଁ; କିନ୍ତୁ ଈଶ୍ୱର ଶାନ୍ତି ଆଣିଦେଇ ପାରନ୍ତି। ଆପଣଙ୍କ ଶରୀରରେ ସ୍ୱାସ୍ଥ୍ୟ ନାହିଁ, ଈଶ୍ୱର ଆପଣଙ୍କୁ ସୁସ୍ଥତା ଦେଇପାରନ୍ତି । ଆପଣଙ୍କ ଗୃହରେ, ଚାକିରୀ ବା ବୃତ୍ତିରେ ଆପଣ ଯଦି ଅକୃତକାର୍ଯ୍ୟ ଅଟନ୍ତି ଈଶ୍ୱର ଆପଣଙ୍କୁ କୃତକାର୍ଯ୍ୟ ହେବାକୁ ଦେବେ ।

5
ଏକ ନିରାଶାଜନକ ପରିସ୍ଥିତିରେ ଆଶାୟୀ ହେବା ପାଇଁ ଆଧାର

ଏକ ନିରାଶାଜନକ ପରିସ୍ଥିତିରେ ଜଣେ କାହାକୁ ନେଇ ଆଶାବାଦୀ ହୋଇ ପାରିବ? ଏହା କ'ଣ ଏକ ବିଚିତ୍ର ଅବାସ୍ତବ କଳ୍ପନା ନୁହେଁ? କୌଣସି ବିଷୟରେ କ'ଣ ଏହା ଏକ ମାନସିକ ପ୍ରଶ୍ନ? ଏହାକୁ ସକାରାତ୍ମକ ଚିନ୍ତାଧାରା କୁହାଯିବ କି? ସକାରାତ୍ମକ ହେବା ପାଇଁ ଚେଷ୍ଟା କରିବା ଓ ସକାରାତ୍ମକ ରହିବା ନିମନ୍ତେ ଏହା ଏକ ମାନବୀୟ ଯୋଜନା କି? ତେବେ ସବୁଠୁ କଠିନ ପରିସ୍ଥିତିରେ ମଧ୍ୟ ଆମେ ଆଶାୟୀ ହୋଇପାରୁ । କେବଳ ଈଶ୍ୱର ଓ ତାହାଙ୍କ ବାକ୍ୟ ଯୋଗୁଁ ଏହା ସମ୍ଭବ ହୋଇଥାଏ ।

ରୋମୀୟ 4:18
"ଏହିପରି ତୁମ୍ଭର ବଂଶ ହେବ," ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନ ଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ ।

ବିଶ୍ୱାସ କରିବାର କାରଣ ନ ଥିଲେ ସୁଦ୍ଧା ଈଶ୍ୱରଙ୍କ ପ୍ରତିଜ୍ଞାକୁ ଅବ୍ରହାମ ବିଶ୍ୱାସ କଲେ । ପରିସ୍ଥିତି ନିରାଶାଜନକ ଥିଲା, ତଥାପି ସେ ବିଶ୍ୱାସ କଲେ । କାହିଁକି? କାରଣ ଈଶ୍ୱର କହିଥିଲେ, *"ଯାହା କୁହାଯାଇଥିଲା"* ସେଥିରେ ଆଶା ରଖି ସେ ବିଶ୍ୱାସ କଲେ । ଈଶ୍ୱରଙ୍କ ପ୍ରତିଜ୍ଞା ତାଙ୍କ ଆଶାର ଆଧାର ଥିଲା । ଈଶ୍ୱର କହିଥିଲେ, ଏଣୁ ପରିସ୍ଥିତି ନିରାଶାଜନକ ହେଲେ ମଧ୍ୟ ଅବ୍ରାହମ ଆଶାର ବାହାରେ ବିଶ୍ୱାସ କରିଥିଲେ ।

ଆମ ଭରସାର ଆଧାର ଈଶ୍ୱର ଓ ତାହାଙ୍କ ବାକ୍ୟ

ଗୀତସଂହିତା 38:15
କାରଣ ହେ ସଦାପ୍ରଭୋ, ମୁଁ ତୁମ୍ଭଠାରେ ଭରସା ରଖେ; ହେ ପ୍ରଭୋ, ମୋର ପରମେଶ୍ୱର, ତୁମ୍ଭେ ଉତ୍ତର ଦେବ ।

ଗୀତସଂହିତା 130:5
ମୁଁ ସଦାପ୍ରଭୁଙ୍କର ଅପେକ୍ଷା କରୁଅଛି, ମୋ' ପ୍ରାଣ ଅପେକ୍ଷା କରୁଅଛି,

ରୋମୀୟ 15:4
ପୁଣି ଆମ୍ଭେମାନେ ଯେପରି ଶାସ୍ତ୍ରଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା ଭରସା ପ୍ରାପ୍ତ ହେଉ, ଏଥିନିମନ୍ତେ ପୂର୍ବକାଳରେ ଯାହାଯାହା ଲେଖା ହୋଇଥିଲା, ସେହିସବୁ ଆମ୍ଭମାନଙ୍କର ଶିକ୍ଷା ପାଇଁ ଲେଖା ହୋଇଅଛି ।

ଈଶ୍ୱର ଆମ ଭରସାର କାରଣ, ଉତ୍ସ ଓ ବଳ ଅଟନ୍ତି । ତାହାଙ୍କ ବାକ୍ୟ ଆମ ଭରସାର ଆଧାର । ଧର୍ମଶାସ୍ତ୍ର ଆମ ହୃଦୟ ମଧ୍ୟରେ ଯେଉଁ ଧୈର୍ଯ୍ୟ ଓ ସାନ୍ତ୍ୱନା ଜନ୍ମାଇ ଥାଏ ତଦ୍ୱାରା ଆମେ ଭରସା କରିଥାଉ ।

ଭବିଷ୍ୟତକୁ ନେଇ ଭରସା

ଆମେ ଏ ପର୍ଯ୍ୟନ୍ତ ଯାହାଯାହା ଆଲୋଚନା କରିଛୁ ତାହାର ବ୍ୟବହାରିକ ଦିଗକୁ ଆମେ ଦେଖିବା । ଏହା ପାଠ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ନିଶ୍ଚୟ ସନ୍ଦେହ ପ୍ରକାଶ କରି କହିବେ, "ମୋର ଭବିଷ୍ୟତ ନିରାଶାଜନକ" ବା "ମୁଁ ବେଶୀ ଦୂର ଆଗେଇ ଯାଇପାରିବି ନାହିଁ । ମୋ ଜୀବନରେ ସେମିତି କିଛି ଉଲ୍ଲେଖନୀୟ ବିଷୟ ଘଟିବ ନାହିଁ" । ମୁଁ ଆପଣଙ୍କୁ ଜଣାଇ ଦେବାକୁ ଚାହେଁ ଯେ, ଈଶ୍ୱର ଓ ତାହାଙ୍କ ବାକ୍ୟ ହେତୁ ଆମେ, ଆମ ଭବିଷ୍ୟତକୁ ନେଇ ଭରସାଯୁକ୍ତ ହୋଇପାରିବା । ତାହାଙ୍କ ବାକ୍ୟ କହେ;

1 କରିନ୍ଥୀୟ 2:9
ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜ୍ଞାତ ହୋଇନାହିଁ, ସେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କର ନିମନ୍ତେ ପ୍ରସ୍ତୁତ କରିଅଛନ୍ତି |

ଭବିଷ୍ୟତ ନିମନ୍ତେ ଆମର ଆଶା ରହିଛି । ଆମେ ଆଶାବାଦୀ ଯେ ଆମେ ଭବିଷ୍ୟତରେ ଅନେକ ଆଶ୍ଚର୍ଯ୍ୟ ବିଷୟମାନ ଦେଖିବା କାରଣ ଈଶ୍ୱରଙ୍କ ବାକ୍ୟ କହେ ଯେ ଈଶ୍ୱର ତାଙ୍କ ପ୍ରେମକାରୀ ଲୋକମାନଙ୍କ ପାଇଁ ଏପରି ବିଷୟମାନ ରଖିଛନ୍ତି ।

ଯିରିମୀୟ 29:11
କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମେ ଯେ ସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳକର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ |

ଈଶ୍ୱରଙ୍କ ବାକ୍ୟ ହିଁ ଆମ ଭରସାର କାରଣ । ଏଣୁ ଆମେ ଏକ ସୁନ୍ଦର

ଭବିଷ୍ୟତକୁ ନେଇ ଆଶାବାଦୀ ହେବା । ଆମର ବର୍ତ୍ତମାନର ପରିସ୍ଥିତି ଆମ ଶେଷ ଲକ୍ଷ୍ୟସ୍ଥଳକୁ ସୂଚାଏ ନାହିଁ । ଆମେ ଆଶାବାଦୀ ଯେ ଆମର ଭବିଷ୍ୟତ ସୁଦୃଢ଼, ସଫଳ ଓ ସୁରକ୍ଷିତ, କାରଣ ଈଶ୍ୱର ତାହାଙ୍କ ବାକ୍ୟରେ ଏପରି ପ୍ରତିଜ୍ଞା କରିଛନ୍ତି । ବର୍ତ୍ତମାନର ପରିସ୍ଥିତିକୁ ନେଇ ଆମେ ହତାଶ ନ ହେଉ ।

କୃତକାର୍ଯ୍ୟ ହେବାର ଭରସା

ଆପଣମାନଙ୍କ ମଧ୍ୟରୁ ଅନେକ ନକାରାତ୍ମକ ଚିନ୍ତାଧାରା ରଖି ଭୟ କରୁଥିବେ ଯେ ଆପଣ ଜୀବନରେ କେବେ ସଫଳତା ପାଇପାରିବେ ନାହିଁ । ଆପଣ ସବୁମତେ ଚେଷ୍ଟା କରି ବିଫଳ ହୋଇଛନ୍ତି ଓ ଏପର୍ଯ୍ୟନ୍ତ କୌଣସି ବିଷୟରେ ସଫଳ ହୋଇପାରି ନାହାନ୍ତି। ଈଶ୍ୱରଙ୍କ ବାକ୍ୟ ଯାହା କହେ ଓ ତାହା ଆପଣ ବିଶ୍ୱାସ କରିବା ଉଚିତ ।

ଗୀତସଂହିତା 1:1-3

1 ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ,

2 ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ ।

3 ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ, ପୁଣି ସେ ଯାହା କରେ, ତାହା ସଫଳ ହେବ ।

ନିଜକୁ ଏକ ଫଳଭରା ବୃକ୍ଷ ସଙ୍ଗେ ତୁଳନା କରନ୍ତୁ । ଯାହା କରନ୍ତି ସବୁଥିରେ ଆପଣ ସଫଳ ହେଉଛନ୍ତି ବୋଲି ଭାବନ୍ତୁ । ଆପଣଙ୍କ ଜୀବନ ନିମନ୍ତେ ଏହା ହିଁ ଈଶ୍ୱରଙ୍କ ବାକ୍ୟ । ଏଣୁ ଈଶ୍ୱର ଆପଣଙ୍କ ପାଇଁ ଯାହା କରିପାରନ୍ତି ତାହା ଆପଣଙ୍କ ଠାରୁ ହାତଛଡ଼ା କରିବାକୁ କୌଣସି ପରିସ୍ଥିତିକୁ ନ ଦିଅନ୍ତୁ ।

ଆପଣଙ୍କ ସ୍ୱପ୍ନ ସବୁ ସାର୍ଥକ ହେବାର ଭରସା

ଆପଣଙ୍କ ସ୍ୱପ୍ନ ସବୁ ସାର୍ଥକ ହେବ ନାହିଁ ବୋଲି ଆପଣ ସମସ୍ତ ଆଶା ଛାଡ଼ି ଦେଇଛନ୍ତି କି? ଈଶ୍ୱରଙ୍କ ବାକ୍ୟ କହେ,

ଗୀତସଂହିତା 37:4

ସଦାପ୍ରଭୁଙ୍କ ଠାରେ ଆନନ୍ଦ କର; ତହିଁରେ ସେ ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରିବେ ।

ମୁଁ ବିଭିନ୍ନ ପରିସ୍ଥିତି ମଧ୍ୟ ଦେଇ ଯାଇଛି । ମୋର ସ୍ୱପ୍ନ ସବୁ କେବେ ସାକାର ହେବ ନାହିଁ ବୋଲି ମୁଁ ମନେ କରୁଥିଲି । ମୋର ମନେପଡ଼େ ମୁଁ ବୟସରେ ବଢୁବଢୁ ମୋର ସ୍ୱପ୍ନ ରହିଥିଲା, ବାଙ୍ଗାଲୋର ନଗରରେ ଏକ ସୁଦୃଢ଼ ମଣ୍ଡଳୀ ସ୍ଥାପନ କରିବାକୁ ଯାହା ପୃଥିବୀର ବିଭିନ୍ନ ଜାତିକୁ ପ୍ରଭାବିତ କରିବ । ଯାହାସବୁ ଘଟି ଯାଉଥିଲା ସେସବୁ ପରିସ୍ଥିତି ମଧ୍ୟରେ ମୋର ସ୍ୱପ୍ନ ସତ ହେବ ନାହିଁ ବୋଲି ମୁଁ ପ୍ରାୟ ଧରିନେଇଥିଲି । ଏହା ଏକ ସ୍ୱପ୍ନରେ ହିଁ ରହିଯିବ ବୋଲି ମୋର ମନେ ହେଉଥିଲା । ଏଥିନିମନ୍ତେ ମୁଁ କିଛି କରିପାରିବିନି ବୋଲି ଭାବୁଥିଲି । ତଥାପି ମୋର ଆଶାକୁ ମୁଁ ଉଜ୍ଜୀବିତ ରଖିଥିଲି, କାରଣ ଈଶ୍ୱରଙ୍କ ବାକ୍ୟ କହେ ଯେ ସେ ମୋତେ *"ଏକ ଭବିଷ୍ୟତ ଓ ଏକ ଭରସା"* ଦେବେ, ଏବଂ ସେ ଏପରି ବିଷୟମାନ ରଖିଛନ୍ତି ଯାହାକୁ *"ଚକ୍ଷୁ କେବେ ଦେଖିନାହିଁ, କର୍ଣ୍ଣ କେବେ ଶୁଣିନାହିଁ"* । ତାହାଙ୍କ ବାକ୍ୟ ଏହା ମଧ୍ୟ କହେ ଯେ ମୁଁ ଯଦି ତାହାଙ୍କଠାରେ ଆନନ୍ଦ କରେ ସେ ମୋର ମନୋବାଞ୍ଛା ପୂରଣ କରିବେ । ମୋର ପରିସ୍ଥିତି ସବୁ ଦିନକୁ ଦିନ ଭିନ୍ନ ଖରାପ ଦିଗକୁ ଗତି କରୁଥିଲେ ମଧ୍ୟ ତାହାଙ୍କ ବାକ୍ୟ ଅପରିବର୍ତ୍ତିତ ରହିଥିଲା । ମୁଁ ତାହାଙ୍କ ବାକ୍ୟରେ ବିଶ୍ୱାସ ରଖିଲି । ତାହାଙ୍କ ବାକ୍ୟ ହିଁ ମୋର ଭରସାର କାରଣ ହୋଇଥିଲା । ବର୍ତ୍ତମାନ ମୋର ସ୍ୱପ୍ନ ସାକାର ହୋଇପାରିଛି । ହାଲ୍ଲେଲୁୟା!

ଆପଣଙ୍କ ପିଲାମାନଙ୍କ ପାଇଁ ଭରସା

ଆପଣମାନଙ୍କ ମଧ୍ୟରୁ ଅନେକେ ଆପଣା ପିଲାମାନଙ୍କ ଯୋଗୁଁ ନିରାଶ ହୋଇ ପଡୁଥିବେ । ଆପଣ ସେମାନଙ୍କୁ ଉତ୍ତମ ରୂପେ ତାଲିମ୍ ଦେଇଛନ୍ତି ଓ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଇଛନ୍ତି । କିନ୍ତୁ ସେମାନଙ୍କ ବର୍ତ୍ତମାନ ଜୀବନ ଭିନ୍ନ ମୋଡ଼ ନେଇଛି ଯାହା ଆପଣ କେବେ କଳ୍ପନା କରିନଥିଲେ । ହୁଏତ ସେମାନେ ପଢ଼ା ଛାଡ଼ି ଦେଇଛନ୍ତି, ମଦ୍ୟପାନ ଓ ଡ୍ରଗ୍‌ସେବନ କରୁଛନ୍ତି । ଆପଣଙ୍କ ସମସ୍ତ ତାଲିମ୍ ମୂଲ୍ୟହୀନ ମନେ ହେଉଛି । ଆପଣ ଭାବୁଥିବେ ସେମାନଙ୍କ ପଛରେ ଆପଣ ଯେତେ କଠିନ ପରିଶ୍ରମ କରିଥିଲେ ସେସବୁ ବେକାର ହୋଇଗଲା । ଆପଣ ସେମାନଙ୍କ ଉପରୁ ଆଶା ହରାଇ ବସିଛନ୍ତି । ମୁଁ ଆପଣଙ୍କୁ ଉତ୍ସାହିତ କରି କହିବାକୁ ଚାହେଁ, "ଭରସାହୀନ ହୁଅନ୍ତୁ ନାହିଁ" । ଏ ବିଷୟରେ ଈଶ୍ୱରଙ୍କ ବାକ୍ୟ କ'ଣ କହେ ଆସନ୍ତୁ ଦେଖିବା ।

ଗୀତସଂହିତା 112:1,2

[1]ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର, ଯେଉଁ ଜନ ସଦାପ୍ରଭୁଙ୍କୁ ଭୟ କରେ, ଯେ ତାହାଙ୍କ ଆଜ୍ଞାସବୁରେ ଅତିଶୟ ସନ୍ତୁଷ୍ଟ ହୁଏ, ସେ ଧନ୍ୟ ।

[2] ତାହାର ବଂଶ ପୃଥିବୀରେ ବିକ୍ରମଶାଳୀ ହେବେ; ସରଳ ଲୋକର ବଂଶ ଆଶୀର୍ବାଦପ୍ରାପ୍ତ ହେବେ ।

ଆପଣ ପ୍ରଭୁଙ୍କୁ କହିପାରନ୍ତି, "ମୁଁ ତୁମ ବାକ୍ୟରେ ଭରସା କରେ । ତୁମ ବାକ୍ୟ କହେ ଯେ ମୋ ପିଲାମାନେ ପୃଥିବୀରେ ବିକ୍ରମଶାଳୀ ହେବେ" । ଏହାର ଅର୍ଥ ଆପଣଙ୍କ ପିଲାମାନେ ପୃଥିବୀରେ କୃତକାର୍ଯ୍ୟ ହୋଇପାରିବେ । ସେମାନେ ଈଶ୍ୱରଙ୍କ ରାଜ୍ୟ ପାଇଁ କିଛି ମହତ୍ କର୍ମ କରିବେ । ସେମାନେ ପୃଥିବୀରେ ରହି ଅସଫଳ ହେବେ ନାହିଁ । ବରଂ ଈଶ୍ୱରଙ୍କ ନିମନ୍ତେ ସେମାନେ କିଛି ପ୍ରଭାବଯୁକ୍ତ କାର୍ଯ୍ୟ କରିବେ ।

ଯିଶାଇୟ 54:13
ତୁମ୍ଭର ସନ୍ତାନଗଣ ସମସ୍ତେ ସଦାପ୍ରଭୁଙ୍କ ଦ୍ୱାରା ଶିକ୍ଷିତ ହେବେ ଓ ତୁମ୍ଭ ସନ୍ତାନଗଣର ମହାଶାନ୍ତି ହେବ ।

ଏହି ଶାସ୍ତ୍ରାଂଶ ଆପଣଙ୍କ ଭରସାର ଆଧାର ହେଉ । ଭରସାଯୁକ୍ତ ହୋଇ ଅଗ୍ରସର ହୁଅନ୍ତୁ । ହୁଏତ ଆପଣଙ୍କ ସନ୍ତାନ ଆପଣଙ୍କର ଅବାଧ୍ୟ ହେଉଛି । ତଥାପି ଆପଣ ଆଶା ଛାଡ଼ନ୍ତୁ ନାହିଁ, ବରଂ ଈଶ୍ୱରଙ୍କ ବାକ୍ୟକୁ ନେଇ ଆଶାବାଦୀ ହୋଇ ରୁହନ୍ତୁ ।

ସୁସ୍ଥତା ଲାଭ ପାଇଁ ଭରସା

ଆପଣ ଅସୁସ୍ଥ ଓ ରୋଗଗ୍ରସ୍ତ ଏବଂ ଡାକ୍ତରମାନେ ଆପଣଙ୍କ ଉପରୁ ଆଶା ଛାଡ଼ି ଦେଇଛନ୍ତି । ଈଶ୍ୱରଙ୍କ ବାକ୍ୟ କ'ଣ କହେ ଶୁଣନ୍ତୁ:

ଗୀତସଂହିତା 103:3
ସେ ତୁମ୍ଭର ଅଧର୍ମ ସବୁ କ୍ଷମା କରନ୍ତି; ସେ ତୁମ୍ଭର ରୋଗ ସବୁ ସୁସ୍ଥ କରନ୍ତି ।

ଏହି ଭରସା ଆପଣଙ୍କର ରହିଛି । ଆପଣଙ୍କ ଭରସାକୁ ଉଜ୍ଜୀବିତ ରଖନ୍ତୁ । ନିଜକୁ ସୁସ୍ଥ ମନେ କରନ୍ତୁ । ବାଇବଲର ଏହି ଶାସ୍ତ୍ରାଂଶ ଅନୁସାରେ ଆପଣ ଆରୋଗ୍ୟ ଲାଭ କରିଛନ୍ତି ବୋଲି ମନେ କରନ୍ତୁ ।

ହିତୋପଦେଶ 3:7,8
7 ତୁମ୍ଭେ ଆପଣା ଦୃଷ୍ଟିରେ ଜ୍ଞାନବାନ୍ ହୁଅ ନାହିଁ; ସଦାପ୍ରଭୁଙ୍କୁ ଭୟ କର ଓ ମନ୍ଦତାରୁ ବିମୁଖ ହୁଅ ।
8 ତାହା ତୁମ୍ଭ ନାଭିଦେଶର ସ୍ୱାସ୍ଥ୍ୟ ଓ ଅସ୍ଥିର ମଜ୍ଜା ହେବ ।

ଆପଣଙ୍କର ଯେଉଁ ଈଶ୍ୱର ଭୟ ରହିଛି ତାହା ହିଁ ଆପଣଙ୍କୁ ସୁସ୍ଥତା ପ୍ରଦାନ କରେ ।

6
ଏକ ନିରାଶାଜନକ ପରିସ୍ଥିତିରେ ମୁଁ କଣ କରେ?

ରୋମୀୟ 4:17-21

17 ଯେଉଁ ଈଶ୍ୱରଙ୍କୁ ସେ ବିଶ୍ୱାସ କଲେ, ବସ୍ତୁ ପରି ଡାକନ୍ତି, ସେହି ଈଶ୍ୱରଙ୍କ ଦୃଷ୍ଟିରେ ସେ ଆମ୍ଭସମସ୍ତଙ୍କର
ପିତା ଅଟନ୍ତି, ଯେପରି ଲେଖା ଅଛି, ଆମ୍ଭେ ତୁମ୍ଭକୁ ବହୁ ଜାତିର ପିତା କରିଅଛୁ ।
18 "ଏହିପରି ତୁମ୍ଭର ବଂଶ ହେବ", ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ
ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନ ଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ ।
19 ତାହାଙ୍କ ବୟସ ପ୍ରାୟ ଏକ ଶତ ବର୍ଷ ହେବାରୁ ସେ ଆପଣା ଶରୀରକୁ ମୃତବତ୍ ଓ ସାରାଙ୍କ ଗର୍ଭକୁ
ମୃତ ବୋଲି ବିବେଚନା କଲେ ସୁଦ୍ଧା ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ,
20 ବରଂ ଈଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ,
21 କିନ୍ତୁ ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା
ଦୃଢ଼ ରୂପେ ଜାଣି ତାହାଙ୍କୁ ଗୌରବ ଦେଇ ବିଶ୍ୱାସରେ ବଳବାନ ହେଲେ ।

ଏକ ନିରାଶାଜନକ ପରିସ୍ଥିତିକୁ ବଦଳାଇ ଦେବା ପାଇଁ ଈଶ୍ୱରଙ୍କୁ ସୁଯୋଗ ଦେବାକୁ ଯାଇ ଆମେ କ'ଣ କରୁ? ଅବ୍ରହାମଙ୍କ ଜୀବନରୁ ଆମେ କ'ଣ ଶିକ୍ଷାଲାଭ କରିପାରୁ? ସେ କ'ଣ କରିବାରୁ ଈଶ୍ୱର ଏକ ନିରାଶାଜନକ ପରିସ୍ଥିତିକୁ ବଦଳାଇ ଦେଇଥିଲେ? ବାଇବଲ କହେ ଯେ କୌଣସି ଆଶା ନ ଥିଲେ ମଧ୍ୟ ଈଶ୍ୱର ତାଙ୍କ ବିଷୟରେ ଯାହା ପ୍ରତିଜ୍ଞା କରିଥିଲେ ତା'ର ଅଧିକାରୀ ଓ ସେ ହୋଇପାରିବେ ବୋଲି ଅବ୍ରହାମ ବିଶ୍ୱାସ କରିଥିଲେ (ରୋମୀୟ 4:18) । ଈଶ୍ୱର ଯାହା କହିଛନ୍ତି ତାହା ଘଟିବ ବୋଲି କ'ଣ ଆପଣ ବିଶ୍ୱାସ କରିବେ? ଉଦାହରଣ ସ୍ୱରୂପ, ଈଶ୍ୱରଙ୍କ ବାକ୍ୟ କହେ, "ତୁମେ ଯାହା କରିବ ସେଥିରେ ସଫଳ ହେବ"। ଏହା ଆପଣ ବିଶ୍ୱାସ କରିବାକୁ ହେବ । ଆପଣ ବିଶ୍ୱାସ କରିବେ କି?

ଈଶ୍ୱର ଯାହା କହିଅଛନ୍ତି ତାହା ପାଇବେ ବୋଲି ଆଶା ରଖି ବିଶ୍ୱାସ କରନ୍ତୁ

ଈଶ୍ୱର ଓ ତାହାଙ୍କ ବାକ୍ୟ ଏକ । ତାହାଙ୍କ ବାକ୍ୟରେ ବିଶ୍ୱାସ କରିବା ଯାହା ଈଶ୍ୱରଙ୍କୁ ବିଶ୍ୱାସ କରିବା ତାହା । ଏଣୁ ସମସ୍ତ ଆଶାର ବାହାରେ ଆପଣ ବିଶ୍ୱାସ କରିବାକୁ ହେବ । ଏଣୁ ଆଶାଶୂନ୍ୟ ମନେ ହେଉଥିଲେ ବି ଆପଣ ଯାହା ପାଇବେ ବୋଲି

ଈଶ୍ୱର ପ୍ରତିଜ୍ଞା କରିଅଛନ୍ତି ତାହା ପାଇବେ ବୋଲି ଆପଣ ବିଶ୍ୱାସ କରିବାକୁ ହେବ । ଏଣୁ ଆଶା ପରିତ୍ୟାଗ କରନ୍ତୁ ନାହିଁ ।

ନିରାଶାଜନକ ପରିସ୍ଥିତି ଆପଣଙ୍କ ବିଶ୍ୱାସକୁ ନିଷ୍କ୍ରିୟ କରି ନ ଦେଉ

ଅବ୍ରହାମ *"ତାଙ୍କ ବୟସ ପ୍ରାୟ ଏକ ଶତ ବର୍ଷ ହେବାରୁ ସେ ଆପଣା ଶରୀରକୁ ମୃତବତ ଓ ସାରାଙ୍କ ଗର୍ଭକୁ ମୃତ ବୋଲି ବିବେଚନା କଲେ ସୁଦ୍ଧା ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ"* (ରୋମୀୟ 4:19) । ନିଜର ଶାରିରୀକ ଅବସ୍ଥା ଓ ଅନ୍ୟାନ୍ୟ ପରିସ୍ଥିତିକୁ ବିବେଚନା କରି ମଧ୍ୟ ସେ ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ । କୌଣସି ପରିସ୍ଥିତିର ଆଶା ଶୂନ୍ୟତା ଆପଣଙ୍କ ବିଶ୍ୱାସକୁ ଦୁର୍ବଳ ନ କରୁ । ଏଣେତେଣେ ଅନାଇ କୁହନ୍ତୁ ନାହିଁ, "ଏହାର କୌଣସି ପ୍ରତିକାର ନାହିଁ" ।

ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଆମେ ପରିସ୍ଥିତିକୁ ଅସ୍ୱୀକାର କରିବା । ପରିସ୍ଥିତିର ବାସ୍ତବତା ଆପଣଙ୍କ ବିଶ୍ୱାସକୁ ଦୁର୍ବଳ କରି ନ ପକାଉ । ତା' ପରିବର୍ତ୍ତେ ଆପଣଙ୍କ ପ୍ରତିଜ୍ଞାତ ବିଷୟର ଫଳାଫଳକୁ ନେଇ ଏକ "ଚିତ୍ର" ଆପଣଙ୍କ ମାନସପଟ୍ଟରେ ଅଙ୍କନ କରନ୍ତୁ । ଉଦାହରଣ ସ୍ୱରୂପ, ଆପଣ ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ମନେ କରନ୍ତୁ, ଆପଣ ଜୀବନରେ ସଫଳତା ପାଇଛନ୍ତି ବୋଲି ମନେ କରନ୍ତୁ, ଆପଣଙ୍କ ବୈବାହିକ ଜୀବନର ସମସ୍ୟା ଆଉ ନାହିଁ ବୋଲି ମନେ କରନ୍ତୁ, ଆପଣଙ୍କ ପିଲାମାନେ ଈଶ୍ୱରଙ୍କର ସେବା କରୁଛନ୍ତି ଓ ତାହାଙ୍କ ପଥରେ ଚାଲୁଛନ୍ତି ବୋଲି ମନେ କରନ୍ତୁ । ଈଶ୍ୱରଙ୍କ ବାକ୍ୟକୁ ଭିତ୍ତି କରି ମନ ମଧ୍ୟରେ ଏପରି ଚିତ୍ରମାନ ଅଙ୍କନ କରନ୍ତୁ ଓ ଏହି ଚିତ୍ରକୁ ବାରମ୍ବାର ନିରୀକ୍ଷଣ କରନ୍ତୁ ।

ଦିନେ ରାତ୍ରିରେ ଈଶ୍ୱର ଅବ୍ରାହମଙ୍କୁ ତାଙ୍କ ତମ୍ବୁ ବାହାରକୁ ଡାକି ଆଣି ଆକାଶର ତାରାମାନଙ୍କୁ ଦେଖାଇଲେ ଓ କହିଲେ, *"ଏହି ପ୍ରକାର ତୁମ୍ଭର ବଂଶ ହେବ"* (ଆଦି ପୁସ୍ତକ 15:5) । ଏଣୁ ଅବ୍ରାହମ ତାଙ୍କ ମନରେ ଈଶ୍ୱରଙ୍କର ପ୍ରତିଜ୍ଞାର ଏକ "ଛବି" ଅଙ୍କନ କଲେ । ତାରାଗଣ ପରି ତାଙ୍କ ବଂଶଧରମାନେ ବହୁସଂଖ୍ୟକ ହେବେ ବୋଲି ସେ "ଦେଖିପାରିଲେ" । ଅବ୍ରହାମ ଯେତେବେଳେ ନିଜ ଶରୀରର ଅବସ୍ଥା ଓ ସାରାଙ୍କ ଗର୍ଭର ମୃତାବସ୍ଥାକୁ ଦେଖୁଥିଲେ ସେ ଈଶ୍ୱରଙ୍କ ପ୍ରତିଜ୍ଞାକୁ ସ୍ମରଣ କରୁଥିଲେ । ତାହାଙ୍କ ବଂଶଧରମାନେ ଆକାଶର ତାରା ଓ ସମୁଦ୍ରର ବାଲିପରି ସଂଖ୍ୟାତୀତ ରୂପେ ବୃଦ୍ଧି ପାଇବେ ବୋଲି ଈଶ୍ୱରଙ୍କର ପ୍ରତିଜ୍ଞା ଥିଲା ।

ମୁଁ ହଜାର ହଜାର ଲୋକଙ୍କ ନିକଟରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରୁଛି ବୋଲି ମନେମନେ ଏକ ଛବି ଅଙ୍କନ କରେ । ଆମ ନଗରରେ ଆମର ପାଞ୍ଚଟି ମଣ୍ଡଳୀ ରହିଛି ଓ ପ୍ରତ୍ୟେକ ମଣ୍ଡଳୀରେ ହଜାରହଜାର ସଂଖ୍ୟାରେ ଉପାସକମାନ ରହିଛନ୍ତି ବୋଲି ମୁଁ ଆମ ମଣ୍ଡଳୀ ବିଷୟରେ ଛବି ଆଙ୍କିଥାଏ । ଏଣୁ ରବିବାର ସକାଳେ ଚେୟାର୍‌ସବୁ ଖାଲି ପଡ଼ିଥିବା ଦେଖିଲେ ମଧ୍ୟ ମୋର ବିଶ୍ୱାସ ଦୁର୍ବଳ ହୋଇଯାଏ ନାହିଁ, କାରଣ ମୋ ମନରେ ଆମ ଆଗାମୀ ମଣ୍ଡଳୀର ସେହି ଚିତ୍ର ମୋ ମନ ମଧ୍ୟରେ ଅଙ୍କିତ ହୋଇ ରହିଥାଏ । ସାମ୍ପ୍ରତିକ ପରିସ୍ଥିତି ଯାହା ହେଉନା କାହିଁକି ଭବିଷ୍ୟତ ସମ୍ପର୍କରେ ଏକ ଚିତ୍ର ଆଙ୍କନ୍ତୁ ଓ ତାହା ସଫଳ ହେବ ବୋଲି ଆଶାବାନ୍ଧି ଚାଲନ୍ତୁ ।

ସଂକଳ୍ପ ଓ ଧୈର୍ଯ୍ୟ ପ୍ରକାଶ କରନ୍ତୁ

ଅବ୍ରହାମଙ୍କ ଜୀବନରେ ଆମେ ଅନ୍ୟ ଏକ ବିଷୟ ଦେଖୁ । ତା' ହେଲା—କୌଣସି ଅବିଶ୍ୱାସ ମାଧ୍ୟମରେ ସେ ଦ୍ୱିଧା ପ୍ରକାଶ କଲେ ନାହିଁ (ରୋମୀୟ 4:20) । ସେ ଈଶ୍ୱରଙ୍କ ପ୍ରତିଜ୍ଞାରେ ତ୍ରୁଟି ପଡ଼ି ନ ଥିଲେ । ସେ ସଂକଳ୍ପ ଓ ଧୈର୍ଯ୍ୟ ପ୍ରକାଶ କରିଥିଲେ । ଭରସାଯୁକ୍ତ ହେବା ସଙ୍ଗେ ସଙ୍ଗେ ଦୃଢ଼ ସଂକଳ୍ପ ରଖି ଧୈର୍ଯ୍ୟବାନ ହେବା ନିହାତି ଜରୁରୀ । ରୋମୀୟ 8:25 କହେ, *"କିନ୍ତୁ ଆମ୍ଭେମାନେ ଯାହା ଦେଖୁନାହୁଁ, ଯଦି ତାହା ନିମନ୍ତେ ଭରସା କରୁ, ତେବେ ଧୈର୍ଯ୍ୟ ସହକାରେ ତାହାର ଅପେକ୍ଷାରେ ଥାଉ "* । ଆମ ମଧ୍ୟରୁ ଅନେକେ ଅନେକ ବିଷୟ ପାଇବା ପାଇଁ ଆଶା ରଖିଥାଉ ଓ ସଙ୍ଗେ ସଙ୍ଗେ ପାଇବାକୁ ଚାହିଁଥାଉ । କିନ୍ତୁ ଧର୍ମଶାସ୍ତ୍ର ଆମକୁ ଶିକ୍ଷା ଦିଏ ଯେ ଅଦୃଶ୍ୟ ବିଷୟ ପାଇବାକୁ ହେଲେ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ । ଏତେ ଶୀଘ୍ର ଆଶା ଛାଡ଼ି ଦିଅନ୍ତୁ ନାହିଁ ଧୈର୍ଯ୍ୟ ସହକାରେ ଅପେକ୍ଷା କରନ୍ତୁ । ପ୍ରେରିତ ପାଉଲ କହନ୍ତି:

1 ଥେସଲନୀକୀୟ 1:3
ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ଆମ୍ଭେମାନେ ତୁମ୍ଭମାନଙ୍କ ବିଶ୍ୱାସର କର୍ମ, ପ୍ରେମର ପରିଶ୍ରମ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ତୁମ୍ଭମାନଙ୍କ ଭରସାର ଧୈର୍ଯ୍ୟ ବିଷୟ ନିରନ୍ତର ସ୍ମରଣ କରୁଛୁ ।

ଭରସା ଧୈର୍ଯ୍ୟପୂର୍ଣ୍ଣ! ଈଶ୍ୱରଙ୍କ ବାକ୍ୟ ଉପରେ ଆଧାରିତ ପ୍ରକୃତ ଭରସା ଧୈର୍ଯ୍ୟଶୀଳ ।

ବିଳାପ 3:26
ସଦାପ୍ରଭୁଙ୍କ ପରିତ୍ରାଣର ପ୍ରତ୍ୟାଶା କରି ସୁସ୍ଥିର ଭାବରେ ଅପେକ୍ଷା କରିବାର ମନୁଷ୍ୟର ମଙ୍ଗଳ ।

ଆପଣଙ୍କର ଯଦି ପ୍ରକୃତ ଭରସା ରହିଛି ତେବେ ଆପଣଙ୍କଠାରେ ସୁସ୍ଥିରତା, ଧୀର ଓ ଶାନ୍ତ ସ୍ୱଭାବ ପରିଦୃଷ୍ଟ ହେବ । ଆପଣ କ'ଣ ହାସଲ କରିବାକୁ ଯାଉଛନ୍ତି ତାହା ଆପଣ ଜାଣନ୍ତି । ଆପଣ ଯାହା ଚାହାନ୍ତି ତାହା ପାଇବା ପାଇଁ ଅଶାନ୍ତ, ବିରକ୍ତ, ଉତ୍ତେଜିତ ହେବେ ନାହିଁ ଓ ଏଥିପାଇଁ ପ୍ରତ୍ୟେକଙ୍କୁ ଆପଣଙ୍କ ରାସ୍ତାରୁ ହଟାଇବାକୁ ଚାହିଁବେ ନାହିଁ । ବରଂ ଆପଣଙ୍କର ଇପ୍ସିତ ବିଷୟ ପାଇବେ ବୋଲି ଆପଣ ଧୀରସ୍ଥିର ରହିବେ । ଆପଣ ସଂକଳ୍ପବଦ୍ଧ ଓ ଧୈର୍ଯ୍ୟ ସହକାରେ ଅପେକ୍ଷାରତ ରହନ୍ତୁ । ଈଶ୍ୱରଙ୍କ ବାକ୍ୟକୁ ସୁସ୍ଥିରତାର ସହିତ ପାଳନ କରିବା ହିଁ ସଂକଳ୍ପବଦ୍ଧତାର ପରିଚୟ । ସହଜ ରାସ୍ତା ବାଛନ୍ତୁ ନାହିଁ । ଏହା ପରିସ୍ଥିତିକୁ କେବଳ ଗୋଳମାଳିଆ କରିଦେବ ।

ଆନନ୍ଦିତ ରୁହନ୍ତୁ, ଈଶ୍ୱରଙ୍କ ପ୍ରଶଂସା କରନ୍ତୁ

ଅବ୍ରହାମ ଈଶ୍ୱରଙ୍କୁ ଗୌରବ ଦେଇଥିଲେ (ରୋମୀୟ 4:20) । ଆପଣଙ୍କର ଯଦି ଭରସା ରହିଛି ତେବେ ଆପଣ ଆନନ୍ଦିତ ରହିବେ । କାରଣ ଈଶ୍ୱରଙ୍କ ବାକ୍ୟ ଯାହା କହେ ତାହା ଉପରେ ଆପଣ ଭରସା ରଖନ୍ତି ଏଣୁ ଆପଣ ଆନନ୍ଦିତ ହୋଇପାରନ୍ତି । ଅନେକ ସମୟରେ ଆପଣ ପରିସ୍ଥିତିକୁ ନେଇ ଆନନ୍ଦିତ ହୋଇଥାନ୍ତି । କିନ୍ତୁ ଆପଣ ଭରସାକୁ ନେଇ ମଧ୍ୟ ଆନନ୍ଦ କରିଥାନ୍ତି । ଛୋଟ ପିଲାମାନେ ସେମାନଙ୍କ ଜନ୍ମଦିନ ନିକଟ ହୋଇ ଆସିଲେ ଆନନ୍ଦରେ ଉତ୍ତେଜିତ ହୋଇପଡ଼ନ୍ତି! ମୋ ଝିଅ ରୁଥ୍ ଥରେ ତା'ର ଜନ୍ମ ଦିନର ଏକ ସପ୍ତାହ ଆଗରୁ ଏହି ଦିନକୁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥିଲା । କହିବାକୁ ଗଲେ ସେ "ଭରସାରେ ଆନନ୍ଦ" କରୁଥିଲା । ସେ ଏତେ ଆତ୍ମହରା ହୋଇ ପଡ଼ିଥିଲା ଯେ, ତା'ର ଜନ୍ମଦିନର ପୂର୍ବ ରାତ୍ରିରେ ସେ ମୋତେ କହିଲା, "ବାପା, କାଲି ସକାଳେ ମୁଁ ଉଠିବାକ୍ଷଣି ତୁମେ ମୋତେ କହିବ—ସୁପ୍ରଭାତ ଜନ୍ମଦିନର ଝିଅ" । କାଲି ଜନ୍ମଦିନ ପାଳନ କରିବ ବୋଲି "ଆଜିଠାରୁ" ସେ ଆନନ୍ଦିତ ଅଟେ । ତା'ର ଜନ୍ମଦିନ ଆସି ନ ଥିଲେ ବି ଏ ବିଷୟରେ ସେ ଆଶାପୂର୍ଣ୍ଣ ଥିବାରୁ ସେ ଖୁସୀ ଥିଲା । ଖ୍ରୀଷ୍ଟିୟାନ ଭାବରେ ଆମେ ଭରସାରେ ଆନନ୍ଦ କରୁ । ଆମେ ଆନନ୍ଦ କରିଥାଉ ଯେ ଈଶ୍ୱର ସମସ୍ତ ବିଷୟକୁ ପରିବର୍ତ୍ତନ କରିବେ ଓ ଆମର ପରିସ୍ଥିତି ସମୂହ ବଦଳିଯିବ । ଆମେ ଭରସାରେ ଆନନ୍ଦ କରୁ ।

ରୋମୀୟ 15:13
ସେହି ଭରସାର ଈଶ୍ୱର ତୁମ୍ଭମାନଙ୍କୁ ବିଶ୍ୱାସ ଦ୍ୱାରା ସମସ୍ତ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତୁ, ଯେପରି ତୁମ୍ଭେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଭରସାର ପ୍ରଚୁରତା ଅନୁଭବ କର।

ରୋମୀୟ 12:12
ଭରସାରେ ଆନନ୍ଦ କର; କ୍ଲେଶରେ ସହିଷ୍ଣୁ ହୁଅ; ପ୍ରାର୍ଥନାରେ ଏକାଗ୍ରଭାବରେ ନିବିଷ୍ଟ ଥାଅ।

ଆମ୍ଭେମାନେ ଭରସାର ପ୍ରଚୁରତା ଅନୁଭବ କରିପାରୁ ଏବଂ ଭରସାର ଈଶ୍ୱର ଆମକୁ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରିପାରନ୍ତି । ଆମ୍ଭେମାନେ ବିଶ୍ୱାସ କଲେ ହିଁ ଆମ୍ଭମାନଙ୍କ ଜୀବନରେ ସେହି ଆନନ୍ଦ ଓ ଶାନ୍ତି ଆସିଥାଏ । ବହୁତ ସମୟ ଅପେକ୍ଷା କଲେ ଲୋକେ ଅଭିଯୋଗ କରନ୍ତି ଓ ଅସନ୍ତୋଷ ପ୍ରକାଶ କରନ୍ତି । ସେମାନଙ୍କ ମଧ୍ୟରେ ଭରସାର ଏକ ଛବି ଅଙ୍କିତ ହୋଇଥିବା ଦରକାର । ଫଳରେ ସେମାନେ ପରିସ୍ଥିତିକୁ ନେଇ ଉତ୍ତେଜିତ ନ ହୋଇ ବରଂ ଆଶା ଭରସାର ସେହି ଛବିକୁ ଦେଖି ସେମାନେ ସ୍ଥିର ହୋଇ ରହିବେ । ସେହି ଛବି ଦିନେ ଯେ ବାସ୍ତବ ରୂପ ନେବ ଏହା ଜାଣିଲେ ଆପଣଙ୍କ ଠାରେ ସେହି ଆନନ୍ଦ ଓ ଶାନ୍ତି ବିରାଜିତ ହେବ ।

ଗୀତସଂହିତା 42:5
ହେ ମୋହର ପ୍ରାଣ, ତୁ କାହିଁକି ଶୋକାକୁଳ ହେଉଅଛୁ? ତୁ କାହିଁକି ମୋର ଅନ୍ତରେ ଅସ୍ଥିର ହେଉଅଛୁ? ପରମେଶ୍ୱରଙ୍କ ଠାରେ ଭରସା ରଖ; କାରଣ ମୁଁ ତାହାଙ୍କ ଶ୍ରୀମୁଖର ପ୍ରସନ୍ନତା ସକାଶୁ ପୁନର୍ବାର ତାହାଙ୍କର ପ୍ରଶଂସା କରିବି ।

ଗୀତସଂହିତା 71:14
ମାତ୍ର ମୁଁ ନିରନ୍ତର ଭରସା କରିବି, ପୁଣି ଆହୁରି ଆହୁରି ତୁମ୍ଭର ପ୍ରଶଂସା କରିବି ।

ଭରସା ରହିଲେ ଆନନ୍ଦଭାବ ଓ ଈଶ୍ୱରଙ୍କୁ ପ୍ରଶଂସା କରିବାର ପ୍ରବୃତ୍ତି ରହିବ । ଏହି ଲେଖାକୁ ପାଠ କଲାବେଳେ ଆପଣ ହୁଏତ ଏକ ନିରାଶାଜନକ ପରିସ୍ଥିତି ମଧ୍ୟଦେଇ ଗତି କରୁଛନ୍ତି, ଏଣୁ ଆପଣ ପ୍ରଶ୍ନ କରିପାରନ୍ତି, "ମୁଁ କିପରି ଖୁସୀ ହୋଇ ପାରିବି"? ବାଇବଲ୍ କହେ, "ଭରସାରେ ଆନନ୍ଦ କର!" ଆମ୍ଭେ କିପରି ଈଶ୍ୱରଙ୍କ ପ୍ରଶଂସା କରିପାରିବା? ଆମେ ଯେଉଁ ଭରସା ରଖିଛୁ ସେଥିପାଇଁ ଆମେ ପ୍ରଭୁଙ୍କର ପ୍ରଶଂସା କରିପାରିବା । ଆଜି ସବୁ କିଛି ବିଗିଡ଼ି ଯାଇଛି ମନେ ହୁଏ । ଆଜିର ପରିସ୍ଥିତି ସବୁ ଅତି କଠିନ ହୋଇପାରେ । ତଥାପି ଆପଣ ତାହାଙ୍କର ପ୍ରଶଂସା କରି ପାରନ୍ତି କାରଣ ଆପଣ ଜାଣନ୍ତି ଯେ ଏସବୁ ବିଷୟ ଚିରକାଳ ସ୍ଥାୟୀ ନୁହେଁ । ବାଇବଲର ଈଶ୍ୱର

ନିରାଶାଜନକ ପରିସ୍ଥିତି ସବୁକୁ ପରିବର୍ତ୍ତନ କରିପାରନ୍ତି । ସେ ଆପଣଙ୍କ ନିମନ୍ତେ ଏହା ସାଧନ କରିବେ । ଆପଣଙ୍କ ଆଶା ଉଜ୍ଜୀବିତ କରି ରଖନ୍ତୁ । ଭରସାଯୁକ୍ତ ହୋଇ ବିଶ୍ୱାସ କରନ୍ତୁ ।

ଇଂରାଜୀରେ ଏକ ସୁନ୍ଦର ଗୀତ ଅଛି । ଏହା ଆମକୁ ଉତ୍ସାହିତ କରିଥାଏ । ତା'ର ଭାବାନୁବାଦ ନିମ୍ନରେ ଦିଆଗଲା ।

ଈଶ୍ୱରଙ୍କ ପ୍ରଶଂସା ହେଉ

ଏଲିଅଟ୍ ବି. ବ୍ୟାନିଷ୍ଟର ଏବଂ ମାଇକେଲ୍ ଭିନସେଣ୍ଟ ହଡସନଙ୍କ ଦ୍ୱାରା ଲିଖିତ

ପଦ 1

ପ୍ରଭୁଙ୍କର ପ୍ରଶଂସା କର
ଯଦି ତୁମେ ସଂଘର୍ଷ କରୁଛ
ତୁମ ସ୍ୱପ୍ନ ସବୁ ଚୁର୍ମାର ହୋଇଯାଇଛି
ତୁମର ସମସ୍ତ ଆଶା ମଉଳି ଯାଇଛି
ଶୟତାନର ସୁସ୍ପଷ୍ଟ ଯୋଜନାରେ
ତୁମ ଅନ୍ତର ବାଧ କରୁଛି
ସମର୍ପି ଦେବାକୁ ଜାଗତିକ ଭୟ ନିକଟରେ
ତୁମଠାରେ ଯେଉଁ ବିଶ୍ୱାସ ରହିଛି
ତାକୁ ହଜାଇ ଦିଅନା ।

କୋରସ୍

ପ୍ରଭୁଙ୍କର ପ୍ରଶଂସା କର
ସେ ପ୍ରଶଂସାକାରୀଙ୍କ ମାଧ୍ୟମରେ କାର୍ଯ୍ୟ କରିଥାନ୍ତି
ପ୍ରଭୁଙ୍କର ପ୍ରଶଂସା କର
ସେ ପ୍ରଶଂସା ନିବାସୀ ।
ପ୍ରଭୁଙ୍କର ପ୍ରଶଂସା କର
ତୁମେ ଯେଉଁସବୁ ଜଞ୍ଜିରରେ
ବନ୍ଧା ହୋଇଛ ବୋଲି ମନେ କରୁଛ
ସେସବୁ ଶକ୍ତିହୀନ ହୋଇ ଛିଣ୍ଡିଯିବ

ପଦ 2

ଯଦି ତୁମେ ପ୍ରଶଂସା କର
ଶୟତାନ ମିଥ୍ୟାବାଦୀ
ସେ ଆମ ମୁଣ୍ଡରେ ପୁରାଇ ଥାଏ

ଆମେ ସବୁ ଭିକାରୀ
କିନ୍ତୁ ସେ ଜାଣେ ଆମେ ରାଜାଙ୍କର ସନ୍ତାନ
ଏଣୁ ବିଶ୍ୱାସରୂପ ଢାଲ ଉଠାଅ
ଯୁଦ୍ଧ ତ ଜିତା ଯାଇଛି
ଆମେ ଜାଣୁ ଖ୍ରୀଷ୍ଟ ପୁନରୁତ୍‌ଥିତ
ଏଣୁ କାର୍ଯ୍ୟ ସମ୍ପନ୍ନ ହୋଇସାରିଛି ।

ଆପଣ ଏହି ପୁସ୍ତକ ପଢୁପଢୁ କହିପାରନ୍ତି, "ମୁଁ ଏକ ନିରାଶାଜନକ ପରିସ୍ଥିତିରେ ରହିଛି" । ହୁଏତ ଏହା ଆପଣଙ୍କ ବିବାହ ଆପଣଙ୍କ ଗୃହ, ବୃତ୍ତି ବା ବ୍ୟବସାୟ ସମ୍ବନ୍ଧୀୟ ବା ଚାକିରୀ, ଆର୍ଥିକ ପରିସ୍ଥିତି, ଆପଣଙ୍କ ପିଲାମାନେ ବା ଜୀବନର ଯେ କୌଣସି ବିଷୟ ହୋଇଥାଇ ପରେ ଆମେ ସମସ୍ତେ ଏପରି ପରିସ୍ଥିର ସମ୍ମୁଖୀନ ହୋଇଥାଉ । ମୁଁ ଆପଣଙ୍କୁ ଉତ୍ସାହିତ କରି ଆପଣ ଭରସାହୀନ ହେଲେ ଆପଣ ଆନ୍ତରିକ ଭାବରେ ଦୁର୍ବଳ ହୋଇଯିବେ। ଲଙ୍ଗର ବିହୂନେ କହିବାକୁ ଚାହେଁ**—ଭରସା ହରାନ୍ତୁ ନାହିଁ** । ଭରସା ନ ହରାଇବା ଅତି ଗୁରୁତ୍ୱପୂର୍ଣ୍ଣ । ଜାହାଜର ଅବସ୍ଥା ଯେପରି ଭରସା ବିହୁନେ ମନୁଷ୍ୟର ଅବସ୍ଥା ସେପରି । ଭରସା ହରାଇଲେ ବିଶ୍ୱାସ କରିବା କଷ୍ଟକର ହୋଇପଡ଼େ, କାରଣ ଭରସା ବିନା ଆପଣ ବିଶ୍ୱାସ କରିପାରିବେ ନାହିଁ ।

ଈଶ୍ୱର ଓ ତାହାଙ୍କ ବାକ୍ୟରେ ଭରସା ରଖନ୍ତୁ । ଆପଣଙ୍କ ଜୀବନ ସମ୍ପର୍କରେ ଈଶ୍ୱର କ'ଣ କହିଛନ୍ତି ମନେପକାନ୍ତୁ । ଆପଣଙ୍କ ଗୃହ ଓ ବିବାହ ସମ୍ପର୍କରେ ଈଶ୍ୱରଙ୍କ ପ୍ରତିଜ୍ଞା କ'ଣ? ଆପଣ ଯେଉଁସବୁ ପ୍ରତିଜ୍ଞା ପାଇଛନ୍ତି ସେ ସବୁକୁ ଧରି ରଖନ୍ତୁ । ଈଶ୍ୱରଙ୍କ ବାକ୍ୟ ଆପଣଙ୍କ ଭରସାର ଆଧାର ହେଉ । ଈଶ୍ୱର ଯାହା କହି ଅଛନ୍ତି ସେଥିଯୋଗୁଁ ଆପଣଙ୍କ ପରିସ୍ଥିତିରେ ପରିବର୍ତ୍ତନ ଘଟିବ ବୋଲି ଆପଣ ଆଶାବାଦୀ ରହନ୍ତୁ । ଈଶ୍ୱରଙ୍କ ପ୍ରତିଜ୍ଞା ସଫଳ ହେବାର ଏକ ଚିତ୍ର ମନ ମଧ୍ୟରେ ଆଙ୍କନ୍ତୁ । ଏହାଦ୍ୱାରା ଆପଣଙ୍କ ଆଶା ଉଜ୍ଜୀବିତ ହୋଇ ରହିବ ।

ଏଫିସୀୟ 3:20 *"ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବା ଠାରୁ ଅତ୍ୟଧିକ ପରିମାଣରେ ସାଧନ କରି ପାରନ୍ତି"* ।

ଆପଣ ଈଶ୍ୱରଙ୍କୁ ଜାଣନ୍ତି କି ଯିଏ ଆପଣଙ୍କୁ ପ୍ରେମ କରନ୍ତି ?

ପ୍ରାୟ 2000 ବର୍ଷ ପୂର୍ବେ, ଈଶ୍ୱର ଏହି ଜଗତକୁ ମନୁଷ୍ୟ ସଦୃଶ ହୋଇ ଆସିଲେ । ତାହାଙ୍କ ନାମ ଯୀଶୁ । ସେ ଏକ ସିଦ୍ଧତାର ସହିତ ପାପ ଶୂନ୍ୟ ଜୀବନଯାପନ କଲେ । ଯେତେବେଳେ ଯୀଶୁ ମାନବ ରୂପରେ ଈଶ୍ୱର ଥିଲେ । ସେ ଯାହା କିଛି କହିଲେ ଓ କରିଲେ ତାହା ଦ୍ୱାରା ସେ ଆମମାନଙ୍କ ଠାରେ ଈଶ୍ୱରଙ୍କୁ ପ୍ରକାଶ କଲେ । ସେ ଯେଉଁ ବାକ୍ୟ କହିଲେ ତାହା ବାସ୍ତବରେ ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ଈଶ୍ୱରଙ୍କ ପରି କାର୍ଯ୍ୟ କଲେ । ପୃଥିବୀରେ ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ । ସେ ଦୁଃଖୀ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ଦେଲେ, ବଧିରମାନଙ୍କୁ ଶୁଣିବା ଶକ୍ତି ଦେଲେ, ଖଞ୍ଜ ଲୋକମାନଙ୍କୁ ଚାଲିବାର ଶକ୍ତି ଦେଲେ ଏବଂ ପ୍ରତ୍ୟେକ ଅସୁସ୍ଥ ଓ ବିଭିନ୍ନପ୍ରକାରର ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅଳ୍ପକେତେକ ରୁଟିକୁ ନେଇ ଆଶ୍ଚର୍ଯ୍ୟଭାବେ ବହୁତ ରୁଟି କଲେ ଏବଂ ହଜାର ହଜାର କ୍ଷୁଧାର୍ତ୍ତ ଲୋକଙ୍କୁ ଖୁଆଇଲେ, ଝଡ଼ ବତାସକୁ ସ୍ଥିର କଲେ ଏବଂ ଅନେକ ଆଶ୍ଚର୍ଯ୍ୟ କର୍ମମାନ କଲେ ।

ଏହି ସମସ୍ତ କାର୍ଯ୍ୟ ଆମଠାରେ ପ୍ରକାଶ ହେଲା ଯେପରି ଈଶ୍ୱର ଯେ ଉତ୍ତମ ବା ମଙ୍ଗଳମୟ ପରମେଶ୍ୱର ଯାହାକି ସେ ଚାହାନ୍ତି ଯେ ଲୋକମାନେ ଉତ୍ତମ ହେଉନ୍ତୁ, ସମସ୍ତେ ସୁସ୍ଥ ଓ ଖୁସିରେ ରୁହନ୍ତୁ । ଈଶ୍ୱର ଲୋକମାନଙ୍କ ଆବଶ୍ୟକତା ଯୋଗାଇବାକୁ ଇଚ୍ଛା କରନ୍ତି ।

ତେବେ ଈଶ୍ୱର କାହିଁକି ନିଜେ ମନୁଷ୍ୟ ହେବାକୁ ନିଷ୍ପତ୍ତି ନେଲେ ଓ ଜଗତକୁ ମନୁଷ୍ୟ ରୂପରେ ଆସିଲେ? କାହିଁକି ଯୀଶୁ ଆସିଲେ?

ଆମେ ସମସ୍ତେ ପାପ କରିଅଛୁ ଏବଂ ଯିଏ ଆମକୁ ସୃଷ୍ଟି କରିଅଛନ୍ତି ସେହି ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭେମାନେ ଅଗ୍ରହଣୀୟ ବିଷୟ ପରି କାର୍ଯ୍ୟ କରିଅଛୁ । ପାପର ପରିଣାମ ଗୁଡିକ ରହିଛି । ପାପ ଏକ ବିରାଟ କାନ୍ଥ ସଦୃଶ ଅଟେ ଯାହା ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଠିଆ ହୋଇଅଛି । ପାପ ଈଶ୍ୱରଙ୍କ ଠାରୁ ଆମକୁ ଅଲଗା କରେ। ଯିଏ ଆମକୁ ସୃଷ୍ଟି କରିଅଛନ୍ତି ତାହାଙ୍କୁ ଜାଣିବା ନିମନ୍ତେ ଓ ତାଙ୍କ ସହିତ ମହତ୍ତ୍ୱପୂର୍ଣ୍ଣ ସମ୍ପର୍କ ରଖିବାରେ ପାପ ପ୍ରତିବନ୍ଧକ ସାଜେ । ତେଣୁ, ଆମ୍ଭମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଅନ୍ୟ ବିଷୟଗୁଡ଼ିକ ସହ ଶୂନ୍ୟସ୍ଥାନରେ ପୂରଣ କରିବାକୁ ଚେଷ୍ଟା କରନ୍ତି।

ଆମ ପାପଗୁଡିକର ଅନ୍ୟ ପରିଣାମଗୁଡିକ ହେଲା ଈଶ୍ୱରଙ୍କ ଠାରୁ ଆମ୍ଭମାନଙ୍କୁ ଅନନ୍ତକାଳ ପୃଥକ୍ କରେ । ଈଶ୍ୱରଙ୍କ ବିଚାରଳୟରେ ପାପର ପରିଣାମ ମୃତ୍ୟୁ ଅଟେ । ମୃତ୍ୟୁ ଈଶ୍ୱରଙ୍କ ଠାରୁ ସର୍ବଦା ଅଲଗା ହୋଇ ନର୍କରେ ସ୍ଥାନ ପାଏ ।

କିନ୍ତୁ ସୁସମ୍ବାଦ ଏହା ଯେ ଆମେ ପାପଠାରୁ ମୁକ୍ତ ହୋଇପାରିବା ଓ ଈଶ୍ୱରଙ୍କ ସହିତ ପୁନଃ ମିଳିତ ହୋଇପାରିବା । ବାଇବଲ କହେ,***"କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ"*** (ରୋମୀୟ 6:23)। ତେବେ ଯୀଶୁ ସମଗ୍ର ଜଗତର ପାପ ନିମନ୍ତେ ମୂଲ୍ୟ ସ୍ୱରୂପ ନିଜ ପ୍ରାଣକୁ

କ୍ରୁଶୀୟ ମୃତ୍ୟୁ ଦ୍ୱାରା ଦେଇଅଛନ୍ତି। ତା'ପରେ ସେ ତିନିଦିନ ପରେ ମୃତ୍ୟୁରୁ ପୁନଃଜୀବିତ ହେଲେ, ଅନେକଙ୍କୁ ସେ ଜୀବିତ ଅବସ୍ଥାରେ ଦେଖାଦେଲେ ଏବଂ ଏହାପରେ ସେ ସ୍ୱର୍ଗକୁ ଫେରିଗଲେ ।

ଈଶ୍ୱର ପ୍ରେମ ଓ ଦୟାର ଈଶ୍ୱର ଅଟନ୍ତି । ସେ ଚାହାନ୍ତି ନାହିଁ ଯେ କୌଣସି ବ୍ୟକ୍ତି ନର୍କରେ ପଡି ବିନଷ୍ଟ ହେଉ । ଆଉ ସେ ଆସିଲେ ଯେପରି ସମଗ୍ର ମାନବଜାତିକୁ ପାପରୁ ଉଦ୍ଧାର ଏବଂ ପାପର ପରିଣାମରୁ ମୁକ୍ତି ପାଇବା ପାଇଁ ଏକ ମାର୍ଗ ପ୍ରଦାନ କରନ୍ତି । ସେ ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଲେ—ଆପଣଙ୍କ ପରି ଲୋକମାନଙ୍କୁ ଓ ମୋତେ ପାପରୁ ଓ ଅନନ୍ତ ମୃତ୍ୟୁରୁ ଉଦ୍ଧାର କରିବାକୁ ଆସିଲେ ।

ପାପରୁ କ୍ଷମା ମୁକ୍ତ ଭାବରେ ପାଇବା ପାଇଁ, ବାଇବଲ ଆମ୍ଭମାନଙ୍କୁ କହେ ଯେ ଆମକୁ କେବଳ ଏକ କାର୍ଯ୍ୟ କରିବାକୁ ପଡ଼ିବ—ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ଯାହା କଲେ ତାହା ବିଶ୍ୱାସ କରିବାକୁ ହେବ ଏବଂ ସର୍ବାନ୍ତଃକରଣ ସହିତ ବିଶ୍ୱାସ କରିବାକୁ ହେବ ।

"... ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ" **(ପ୍ରେରିତ 10:43) ।**

"ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" **(ରୋମୀୟ 10:9) ।**

ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣଙ୍କ ପାପରୁ ପରିଷ୍କୃତ ହୋଇପାରିବେ ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ।

ନିମ୍ନଲିଖିତ ଏକ ସରଳ ପ୍ରାର୍ଥନା ଦ୍ୱାରା ଆପଣଙ୍କୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଏବଂ ଆପଣଙ୍କ ନିମନ୍ତେ ସେ କ୍ରୁଶ ଉପରେ ଯାହା କରିଅଛନ୍ତି ତାହା ବିଶ୍ୱାସ କରିବାକୁ ସାହାଯ୍ୟ ହେବ । ଏହି ପ୍ରାର୍ଥନା ଆପଣଙ୍କ ନିମନ୍ତେ ଯୀଶୁ ଖ୍ରୀଷ୍ଟ କ'ଣ କରିଅଛନ୍ତି ତାହା ସ୍ୱୀକାର କରିବାକୁ ଓ ପାପ କ୍ଷମା ପାଇବାକୁ ଏବଂ ଆପଣଙ୍କ ପାପରୁ ପରିଷ୍କୃତ ହେବାକୁ ସହାୟକ ହେବ । ଏହି ପ୍ରାର୍ଥନା କେବଳ ଏକ ମାର୍ଗଦର୍ଶିକା ଅଟେ । ଆପଣ ନିଜେ ମଧ୍ୟ ନିଜ ଶବ୍ଦଗୁଡିକରେ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ଆଜି ମୁଁ ଜାଣିଲିଯେ, ତୁମେ ମୋ ନିମନ୍ତେ କ୍ରୁଶ ଉପରେ ଯାହା କରିଅଛ। ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ । ତୁମେ ତୁମର ବହୁମୂଲ୍ୟ ରକ୍ତ ଝରାଇ ମୋ ପାପର ମୂଲ୍ୟଦେଲ ଯେପରି ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହୁଏ । ବାଇବଲ ମୋତେ କହେ ଯେ, ଯେକେହି ତୁମଠାରେ ବିଶ୍ୱାସ କରେ ସେମାନେ ସେମାନଙ୍କ ପାପରୁ କ୍ଷମା ପ୍ରାପ୍ତ ହେବେ ।

ତୁମେ ମୋ ନିମନ୍ତେ ଯାହା କରିଅଛ । ତୁମେ ମୋ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁଭୋଗ କଲ ଓ ମୃତ୍ୟୁରୁ ପୁନର୍ଜୀବିତ ହେଲ । ମୁଁ ଜାଣେ ନିଜକୁ ମୋର ଉତ୍ତମ କାର୍ଯ୍ୟ ଦ୍ୱାରା ଉଦ୍ଧାର କରିପାରିବି ନାହିଁ କିଅବା କୌଣସି ବ୍ୟକ୍ତି ମୋତେ ଉଦ୍ଧାର କରିପାରିବେ ନାହିଁ । ମୁଁ

ମୋର ପାପଗୁଡିକ ନିମନ୍ତେ କ୍ଷମା ଅର୍ଜ୍ଜନ କରିପାରିବି ନାହିଁ ।

ଆଜି, ମୁଁ ହୃଦୟରେ ବିଶ୍ୱାସ କରେ ଓ ମୋ ମୁଖରେ ସ୍ୱୀକାର କରେ ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ, ମୋ ପାପର ମୂଲ୍ୟ ଦେଲ, ମୃତ୍ୟୁରୁ ପୁନର୍ଜ୍ଜୀବିତ ହେଲ ଏବଂ ତୁମଠାରେ ବିଶ୍ୱାସ ଦ୍ୱାରା ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହେଉଅଛି ଓ ପାପରୁ ପରିଷ୍କୃତ ହେଉଅଛି ।

ଧନ୍ୟବାଦ ଯୀଶୁ । ତୁମକୁ ପ୍ରେମ କରିବାକୁ, ତୁମକୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର ।

ଆମେନ୍ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ସମ୍ବନ୍ଧରେ

ଅଲ୍ ପିପୁଲ୍ସ ଚର୍ଚ୍ଚର ଦର୍ଶନ ହେଲା ବାଙ୍ଗାଲୋର ନଗରରେ ଲବଣ ଏବଂ ଜ୍ୟୋତିଃ ସଦୃଶ୍ୟ ହେବା ନିମନ୍ତେ, ଦେଶ ଓ ଦେଶଗୁଡ଼ିକରେ ଏକ ସ୍ୱର ହେବା ନିମନ୍ତେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ **ଏକ ଯୀଶୁ ପ୍ରେମୀ, ବାକ୍ୟ ଧ୍ୟାନ, ଆତ୍ମାରେ ପରିପୂର୍ଣ୍ଣ**, ପାରିବାରିକ ମଣ୍ଡଳୀ, ଏକ ପ୍ରୋତ୍ସାହନ କେନ୍ଦ୍ର, ଏକ ମିଶନ ଆଧାର ଓ ବିଶ୍ୱ ସୁସମାଚାର ପ୍ରସାରକ ଅଟେ ।

- ଏକ **ପାରିବାରିକ ମଣ୍ଡଳୀ** ଭାବେ, ଖ୍ରୀଷ୍ଟ-କୈନ୍ଦ୍ରିକ ସହଭାଗିତାରେ ଏକ ଗୋଷ୍ଠୀ ଭାବରେ ଆମେ ବୃଦ୍ଧି ହେଉ, ପ୍ରେମରେ ପରସ୍ପରର ଯତ୍ନ ଓ ସେବା କରି ଈଶ୍ୱରଙ୍କ ସମାବେଶ ସଦୃଶ ହେବା।
- ଏକ **ପ୍ରୋତ୍ସାହନ କେନ୍ଦ୍ର** ଭାବରେ, ପ୍ରତ୍ୟେକ ବିଶ୍ୱାସୀଙ୍କୁ ବିଜୟୀ ଜୀବନ କାଟିବାକୁ, ଖ୍ରୀଷ୍ଟଙ୍କ ସଦୃଶରେ ପରିପକ୍ୱ ହେବାକୁ ଓ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରିବାକୁ ଆମ୍ଭେମାନେ ସଶକ୍ତି ଓ ପ୍ରୋତ୍ସାହିତ କରୁ ।
- ଏକ **ମିଶନ ଆଧାର** ଭାବରେ, ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଯୀଶୁ ଖ୍ରୀଷ୍ଟଙ୍କ ସଂପୂର୍ଣ୍ଣ ସୁସମାଚାର ଏବଂ ପବିତ୍ର ଆତ୍ମାଙ୍କ ଶକ୍ତିର ଅଲୌକିକ ପ୍ରଦର୍ଶନ ଦ୍ୱାରା ଆମର ନଗର, ଦେଶ ଓ ଦେଶଗୁଡ଼ିକୁ ଆଶୀର୍ବାଦ କରିବା ନିମନ୍ତେ ଆମେ ମହତପୂର୍ଣ୍ଣ ସେବାକାର୍ଯ୍ୟରେ ଜଡ଼ିତ ଅଟୁ ।
- ଏକ **ବିଶ୍ୱ ସୁସମାଚାର ପ୍ରସାରକ** ଭାବରେ, ଆମେ ସ୍ଥାନୀୟ ଏବଂ ବିଶ୍ୱ ସ୍ତରରେ ସେବା କରୁ ଧର୍ମୀୟ ନେତା ଓ ଆତ୍ମାରେ ପରିପୂର୍ଣ୍ଣ ମଣ୍ଡଳିଗୁଡ଼ିକ ଦ୍ୱାରା ଯେଉଁମାନେ କି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ସେମାନଙ୍କ ମହତ୍ୱପୂର୍ଣ ପ୍ରଭାବ ପକାଇପାରିବେ ।

ଅଲ୍ ପିପୁଲ୍ସ ଚର୍ଚ୍ଚରେ, ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନରେ ଆମେ ସଂପୂର୍ଣ୍ଣ ଓ ସାଲିସବିହୀନ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରୁ । ଆମେ ଉତ୍ତମ ସଙ୍ଗୀତ, ସର୍ଜନାତ୍ମକ ଉପସ୍ଥାପନା, ବିଚକ୍ଷଣ ଦୃଃଖପ୍ରକାଶ, ସମସାମୟିକ ସେବାକାର୍ଯ୍ୟ ଶୈଳୀ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଏପରି ଅନେକ, ପବିତ୍ର ଆତ୍ମାଙ୍କ ଶକ୍ତିର ଚିହ୍ନ, ଲକ୍ଷଣ, ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଦାନରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ପଦ୍ଧତିକୁ କୌଣସି ବିଷୟ ବଦଳାଇ ପାରିବେ ନାହିଁ (1 କରିନ୍ଥୀୟ 2:4,5; ଏବ୍ରୀ 2:3,4)। ଆମର ପ୍ରସଙ୍ଗ ହେଉଛି ଯୀଶୁ, ଆମର ବିଷୟବସ୍ତୁ ହେଉଛି ବାକ୍ୟ, ଆମର ପଦ୍ଧତି ହେଉଛି ପବିତ୍ର ଆତ୍ମାଙ୍କ ଶକ୍ତି, ଆମର ଆବେଗ ହେଉଛି ଲୋକମାନେ ଓ ଆମର ଲକ୍ଷ୍ୟ ହେଉଛି ଖ୍ରୀଷ୍ଟ-ସଦୃଶ୍ୟ ସମସ୍ତେ ପରିପକ୍ୱତା ହେଉନ୍ତୁ।

ବାଙ୍ଗାଲୋରରେ ଆମର ମୁଖ୍ୟ ମଣ୍ଡଳୀ ସହିତ, ଅଲ୍ ପିପୁଲ୍ସ ଚର୍ଚ୍ଚର ଅନ୍ୟ ମଣ୍ଡଳୀଗୁଡ଼ିକ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ରହିଛି। ଅଲ୍ ପିପୁଲ୍ସ ଚର୍ଚ୍ଚର ବର୍ତ୍ତମାନ ତାଲିକା ଓ ଯୋଗାଯୋଗ କରିବା ନିମନ୍ତେ ସୂଚନା ପାଇବାକୁ, ଦୟାକରି ଅଲ୍ ପିପୁଲ୍ସ ଚର୍ଚ୍ଚର ୱେବସାଇଟ ଦେଖନ୍ତୁ **apcwo.org/locations** କିମ୍ବା ଏହି ଇମେଲ ଠିକଣାରେ ମେସେଜ ପଠାନ୍ତୁ **contact@apcwo.org**

ମାଗଣା ପ୍ରକାଶନଗୁଡ଼ିକ

A Church in Revival
A Real Place Called Heaven
A Time for Every Purpose
Ancient Landmarks
Baptism in the Holy Spirit
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling
Don't Lose Hope
Equipping the Saints
Foundations (Track 1)
Fulfilling God's Purpose for Your Life
Gifts of the Holy Spirit
Giving Birth to the Purposes of God
God Is a Good God
God's Word—The Miracle Seed
How to Help Your Pastor
Integrity
Interpreting Scripture
Kingdom Builders
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses—Don't Take Them
Open Heavens
Our Redemption
Receiving God's Guidance
Revivals, Visitations and Moves of God
Shhh! No Gossip!
Speak Your Faith
The Conquest of the Mind
The End Times
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of Praying in Tongues
Timeless Principles for the Workplace
Understanding the Prophetic
Water Baptism
We Are Different
Who We Are in Christ
Women in the Workplace
Work—Its Original Design

ନୂଆ ବହିଗୁଡ଼ିକ ନିୟମିତ ପ୍ରକାଶନ ହେଉଥାଏ । ଦୟାକରି **apcwo.org/books** ୱେବସାଇଟ ଦେଖନ୍ତୁ ଓ ଅଲ୍ ପିପୁଲ୍ସ ଚର୍ଚ୍ଚର ପିଡିଏଫ ମାଧ୍ୟମରେ ଥିବା ଖ୍ରୀଷ୍ଟୀୟ ପୁସ୍ତକଗୁଡ଼ିକ, ଅଡିଓ ଏବଂ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ ପୁସ୍ତକଗୁଡିକୁ ମାଗଣାରେ ଡାଉନଲୋଡ କରନ୍ତୁ । ପୁଣି ମାଗଣା ଅଡିଓ ଏବଂ ଭିଡିଓର ବାକ୍ୟ ପ୍ରଚାର, ବାକ୍ୟ ପ୍ରଚାର ଲେଖାଗୁଡ଼ିକ ଓ ଅନ୍ୟାନ୍ୟ ମାଗଣା ଉତ୍ସଗୁଡିକ ନିମନ୍ତେ **apcwo.org/sermons** ୱେବସାଇଟ ଦେଖନ୍ତୁ ।

ଖ୍ରୀସଲିଶ କାଉନସେଲିଂ

ଖ୍ରୀସଲିଶ କାଉନସେଲିଂ ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରେ ଯେମିତି ସେମାନେ ସମ୍ମୁଖୀନ ହେଉଥିବା ଜୀବନର ସମସ୍ୟାର ମୁକାବିଲା କରିପାରିବେ ଏବଂ ବିଜୟ ପ୍ରାପ୍ତ ହେବେ। ଖ୍ରୀସଲିଶ କାଉନସେଲିଂ ବୃତ୍ତିଗତ ଭାବେ ତାଲିମ ପ୍ରାପ୍ତ ଓ ଅନୁଭୂତି ସମ୍ପନ୍ନ ଖ୍ରୀଷ୍ଟିୟାନ ପରାମର୍ଶଦାତା ମାନଙ୍କ ଏକ ଦଳ ଅଟେ।

ଆମର ସେବାକାର୍ଯ୍ୟ ସମସ୍ତ ପ୍ରକାର ବୟସ ଦଳର ଲୋକମାନଙ୍କଠାରେ ଓ ଜୀବନର ବିଭିନ୍ନ ସ୍ୱାନ୍ତନାପୂର୍ଣ୍ଣ ବିଶେଷ ଗୁଡ଼ିକ ନିମନ୍ତେ ଅଟେ ।

- **କିଶୋରବସ୍ଥା**
- **ବ୍ୟକ୍ତିଗତ ସମନ୍ୱୟ**
- **ସମ୍ପର୍କ ସମ୍ବନ୍ଧୀୟ ଆହ୍ୱାନପୂର୍ଣ୍ଣ ବିଷୟ**
- **ପାଠପଢ଼ାରେ ଅସଫଳ**
- **କାର୍ଯ୍ୟ ସମ୍ବନ୍ଧୀୟ**
- **ପରିବାର / ଦମ୍ପତି: ବିବାହ ପୂର୍ବରୁ/ ବିବାହ ପରେ ସମସ୍ୟା**
- **ପିତାମାତା / ସହକର୍ମୀ / ପିଲାମାନେ / ଭାଇଭଉଣୀ**
- **ଆଚରଣଗତ ବ୍ୟାଧି**
- **ବ୍ୟକ୍ତିତ୍ୱ ବ୍ୟାଧି**
- **ମାନସିକ / ଭାବପ୍ରବଣ ସମସ୍ୟା**
- **ବିଷାଦଗ୍ରସ୍ତ / ଆଘାତପ୍ରାପ୍ତ**
- **ନିଶା ସେବନ / ମଦ ନିଶାଗ୍ରସ୍ତ**
- **ଆତ୍ମିକ ସମସ୍ୟା**
- **ଜୀବନ ସମ୍ବନ୍ଧୀୟ**

ଖ୍ରୀସଲିଶ କାଉନସେଲିଂ ସେବାର ଦେୟ ସୁଲଭ ଓ ସୁଗମ ଅଟେ ।

ଆମର ତାଲିମପ୍ରାପ୍ତ ପରମର୍ଶଦାତାଙ୍କ ମଧ୍ୟରୁ ଜଣଙ୍କ ସହ ସାକ୍ଷାତ ସମୟ ନିର୍ଦ୍ଧାରଣ କରିବା ନିମନ୍ତେ:

ୱେବ୍ସାଇଟ: chrysalislife.org
ଫୋନ ନମ୍ବର: +91-80-25452617 କିମ୍ବା ଟୋଲ ଫ୍ରି ନମ୍ବର (କେବଳ ଭାରତ ମଧ୍ୟରେ) 1-800-300-00998
ଇମେଲ: counselor@chrysalislife.org

ଖ୍ରୀସଲିଶ କାଉନସେଲିଂ,ଅଲ୍ ପିପୁଲ୍ସ ଚର୍ଚ୍ଚରବିଶ୍ୱ ସୁସମାଚାର ପ୍ରଚାରଏକ ସେବାକାର୍ଯ୍ୟ ଅଟେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର

ସ୍ଥାନୀୟ ମଣ୍ଡଳୀ ସହ ସମଗ୍ର ଭାରତ ଦେଶରେ, ବିଶେଷ କରି ଉତ୍ତର ଭାରତରେ ସୁସମାଚାର ପ୍ରଚାର କରି ଅଲ୍ ପିପୁଲ୍ସ ଚର୍ଚ୍ଚ ନିଜ ସୀମା ବାହାରେ ମଧ୍ୟ ସୁସମାଚାର ପ୍ରଚାର କରୁଅଛି, ଏହାର ପ୍ରମୁଖ ଲକ୍ଷ୍ୟ ହେଲା (କ)ନେତାମାନଙ୍କୁ ସୁଦୃଢ କରିବା, (ଖ) ଯୁବାମାନଙ୍କୁ ସେବାକାର୍ଯ୍ୟ କରିବା ନିମନ୍ତେ ସୁସଜ୍ଜିତ କରିବା, ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଠନ କରିବା, ବର୍ଷ ସାରା ଯୁବାମାନଙ୍କ ନିମନ୍ତେ ବିଭିନ୍ନ ତାଲିମ ଶିବିର ଓ 'ଖ୍ରୀଷ୍ଟୀୟ ନେତାମାନଙ୍କ ସମାବେଶ' ଆୟୋଜନ କରାଯାଏ। ଏହା ସହିତ,ବିଶ୍ୱାସୀମାନଙ୍କୁ ବାକ୍ୟରେ ଓ ଆତ୍ମାରେ ସୁସଜ୍ଜିତ କରିବା ନିମନ୍ତେ ହଜାର ହଜାର ବହି ଇଂରାଜୀ ଓ ବିଭିନ୍ନ ଭାଷାରେ ପ୍ରକାଶନ କରି ମାଗଣାରେ ବଣ୍ଟନ କରାଯାଏ ।

ଆମେ ଆପଣମାନଙ୍କୁ ନିମନ୍ତ୍ରଣ କରୁ କି ଏକକାଳୀନ ଦାନ କିମ୍ବା ମାସିକ ଆର୍ଥିକ ଦାନ ସାହାଯ୍ୟ ଦ୍ୱାରା ଆମ ସହିତ ଅଂଶୀଦାର ହେବା ପାଇଁ । ଆମ ଭାରତ ଦେଶ ସାରା ଚାଲୁଥିବା ସେବାକାର୍ଯ୍ୟ ନିମନ୍ତେ ଯେକୌଣସି ପରିମାଣର ସାହାଯ୍ୟ ଆମକୁ ଆପଣ ସ୍ୱଇଚ୍ଛାରେ ପଠାଇ ପାରିବେ ତାହା ଅତି ପ୍ରଶଂସନୀୟ ବିଷୟ ହେବ ।

ଆପଣ ଆପଣଙ୍କ ସାହାଯ୍ୟ ଦାନ ଚେକ୍ / ବ୍ୟାଙ୍କ ଡ୍ରାଫ୍ଟ–ଦେୟକୁ "ଅଲ୍ ପିପୁଲ୍ସ ଚର୍ଚ୍ଚ" ମାଧ୍ୟମରେ ଆମ ଅଫିସ ଠିକଣାରେ ପଠାଇପାରିବେ । ଅଥବା, ଆମର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରତ୍ୟକ୍ଷ ଭାବରେ ପଠାଇପାରିବେ ।

ଆକାଉଣ୍ଟ ନାମ: All Peoples Church
ଆକାଉଣ୍ଟ ନମ୍ବର: 50200068829058
IFSC କୋଡ୍: HDFC0004367
ବ୍ୟାଙ୍କ: HDFC Bank, 7M/308 80Ft Rd, HRBR Layout, Kalyan Nagar, Bengaluru, Karnataka 560043

ବିଶେଷ ସଂକ୍ଷିପ୍ତ ବିବରଣୀ: *ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଅବସ୍ଥିତ ବ୍ୟାଙ୍କଗୁଡିକଠାରୁ ହିଁ ସାହାଯ୍ୟ ଦାନ ଗ୍ରହଣ କରେ । ଯେତେବେଳେ ଆପଣ ସାହାଯ୍ୟ ଦାନ ପଠାନ୍ତି, ଯଦି ଦେବାକୁ ଇଚ୍ଛା କରନ୍ତି, ଆପଣ ଅଲ୍ ପିପୁଲ୍ସ ଚର୍ଚ୍ଚର କେଉଁ ବିଶେଷ ସେବାକାର୍ଯ୍ୟ ନିମନ୍ତେ ଆପଣଙ୍କ ଦାନ ବ୍ୟବହୃତ ହେଉ ବୋଲି ଚାହାନ୍ତି, ତାହା ସ୍ପଷ୍ଟ ଭାବେ ଲେଖି ଜଣାଇପାରିବେ । ଅତିରିକ୍ତ ସୂଚନା ନିମନ୍ତେ ଦେଖନ୍ତୁ:* **apcwo.org/give**

ପୁଣି, ଯେତେବେଳେ ମଧ୍ୟ ହେଉ ଆପଣ ଆପଣଙ୍କ ପ୍ରାର୍ଥନାରେ ଦୟାକରି ଆମ ନିମନ୍ତେ ଓ ଆମ ସେବାକାର୍ଯ୍ୟ ନିମନ୍ତେ ସ୍ମରଣ କରୁଥାନ୍ତୁ ।


ଆପଣଙ୍କୁ ଧନ୍ୟବାଦ ଓ ଈଶ୍ୱର ଆଶୀର୍ବାଦ କରନ୍ତୁ!

DOWNLOAD THE FREE APP!

Search for
"All Peoples Church Bangalore"
in the App or Google play stores.

Available on the App Store

ANDROID APP ON Google play





A daily 5-minute video devotional.
A daily Bible reading and prayer guide.
5-minute Sermon summary.
Toolkit with Scriptures on various topics to build faith and information to share the Gospel.
Resources with sermons, sermon notes, TV programs, books, music and more.

IF YOU LOVE IT, TELL OTHERS ABOUT IT!

निःशुल्क ऐप डाउनलोड करें:

ऐप स्टोर या प्ले स्टोर में खोजें
“ऑल पीपुल्स चर्च (APCWO)”/
All Peoples Church Hindi

Available on the App Store

ANDROID APP ON Google Play



विश्वास को मजबूत करने और सुसमाचार साझा करने के लिए विभिन्न विषयों पर आधारित वचनों के टूलकिट।
उपदेशों, टीवी कार्यक्रमों, पुस्तकों, संगीत और बहुत कुछ से भरे संसाधन।
अगर आपको यह पसंद आए, तो
दूसरों को भी इसके बारे में बताएं!

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ

apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ ଏବଂ ସେବାକାର୍ଯ୍ୟ ତାଲିମ କେନ୍ଦ୍ର, ବାଙ୍ଗାଲୋର, ଭାରତରେ ଅଛି, ଏଠାରେ ଆତ୍ମାରେ-ପରିପୂର୍ଣ୍ଣ, ଅଭିଷିକ୍ତ, ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ ସେବା କରିବା ସହିତ ଈଶ୍ୱରଙ୍କ ବାକ୍ୟର ବାସ୍ତବ ଶିକ୍ଷା ଏବଂ ବୁଦ୍ଧି ସମ୍ବନ୍ଧୀୟ ଉତ୍ସାହଜନକ ଅଧ୍ୟୟନ ଯୋଗାଇଥାଏ । ଈଶ୍ୱରୀୟ ଚରିତ୍ର, ଈଶ୍ୱରଙ୍କ ବାକ୍ୟର ଗଭୀରତା, ଆଶ୍ଚର୍ଯ୍ୟ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଏବଂ ପ୍ରଭୁଙ୍କ ସହିତ ଘନିଷ୍ଠ ସମ୍ପର୍କରୁ ପ୍ରବାହିତ ସମସ୍ତ ବିଷୟକୁ ଗୁରୁତ୍ୱ ଦେଇ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିର ସମ୍ପୂର୍ଣ୍ଣ ଉନ୍ନତି କରିବାରେ ଆମେ ବିଶ୍ୱାସ କରୁ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜରେ (APC-BC), ଉପଯୁକ୍ତ ତଥା ହିତଜନକ ଶିକ୍ଷା ସହ ଆମେ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କ ଅଲୌକିକ କାର୍ଯ୍ୟ ଉପରେ ଉପସ୍ଥାପନ କରୁ । ଅନେକ ଯୁବକ ଓ ଯୁବତୀମାନଙ୍କୁ ତାଲିମ ଦିଆଯାଇଅଛି ଏବଂ ସେମାନଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାକୁ ପଠାଯାଇଅଛି ।

ଆମେ ତିନୋଟି ପ୍ରୋଗ୍ରାମ ପ୍ରଦାନ କରୁ –

- ଏକ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ସାର୍ଟିଫିକେଟ (C.Th.)
- ଦୁଇ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ଡିପ୍ଲୋମା (Dip.Th.)
- ତିନି ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ବ୍ୟାଚଲର ଡିଗ୍ରୀ (B.Th.)

ପ୍ରତ୍ୟେକ ସପ୍ତାହର ସୋମବାରରୁ ଶୁକ୍ରବାର ସମୟ ସକାଳ (UTC+5:30) 9 ଘଣ୍ଟାରୁ ମଧ୍ୟାହ୍ନ 12 ଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଆମେ ତିନୋଟି ଶିକ୍ଷଣୀୟ ବିକଳ୍ପ ପ୍ରଦାନ କରୁ –

- **କ୍ୟାମ୍ପସରେ:** କ୍ୟାମ୍ପସରେ ବ୍ୟକ୍ତିଗତ କ୍ଲାସରେ ଯୋଗ ଦେବା ।
- **ଅନଲାଇନ:** ଅନଲାଇନ ଲାଇଭ ଶିକ୍ଷାଦାନରେ ଯୋଗ ଦେବା ।
- **ଇ-ଲର୍ଣ୍ଣିଙ୍ଗ:** ଅନଲାଇନ ପୋର୍ଟାଲ **apcbiblecollege.org/elearn** ମାଧ୍ୟମରେ ନିଜେ ଶିକ୍ଷା ଗ୍ରହଣ କରିବା ।

ଅନଲାଇନ ଆବେଦନ କରିବା ନିମନ୍ତେ, ଏବଂ କଲେଜ, ପାଠ୍ୟକ୍ରମ, ଯୋଗ୍ୟତା, ପାଠ୍ୟକ୍ରମ ମୂଲ୍ୟ ବିଷୟରେ ଜାଣିବା ନିମନ୍ତେ ଓ ଆବେଦନ ଫର୍ମ ଡାଉନଲୋଡ କରିବା ନିମନ୍ତେ ୱେବସାଇଟ ଦେଖନ୍ତୁ - **apcbiblecollege.org**

ଅନେକ ସମୟରେ ଅନପେକ୍ଷିତ ଭାବରେ ଆମ ଜୀବନର ଗତିପଥ ବଦଳିଯାଏ । ହଠାତ ଆମେ ନିଜକୁ ଏକ ଝଡ଼ଝଞ୍ଜା ମଧ୍ୟରେ ରହିଥିବା ଦେଖିପାରୁ । ଜୀବନ ଯାତ୍ରାରେ ଅଗ୍ରସର ହେବା ବେଳେ ଅନେକ ଆହ୍ୱାନ ଓ ସଂଘର୍ଷର ସାମ୍ନା କରିବାକୁ ହୋଇଥାଏ । ସମୟେ ସମୟେ ଆମେ ଦେଖୁ ଯେ ଆମେ ଏପରି ଏକ ସ୍ଥାନରେ ପହଞ୍ଚି ଯାଇଛୁ ଯେଉଁଠି ରାସ୍ତା ଶେଷ ହୋଇ ଯାଇଛି, ଅନ୍ୟ ଆଡ଼େ ଯିବା ପାଇଁ ରାସ୍ତା ଆଉ ନାହିଁ ।

ହୁଏତ ଆପଣ ଏକ ନିରାଶଜନକ ପରିସ୍ଥିତି ମଧ୍ୟରେ ରହିଛନ୍ତି । ଆପଣଙ୍କ ଚାକିରୀ ବୃତ୍ତି, ଶିକ୍ଷା, ଗୃହ, ବିବାହ ବା ପରିବାରରେ ଏଭଳି ପରିସ୍ଥିତି ଉପୁଜି ଥାଇପାରେ । ଆପଣଙ୍କ ଜୀବନର ଅନେକ ବିଷୟ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇ ଯାଇ ଥାଇପାରେ । କିନ୍ତୁ ମୁଁ ଆପଣଙ୍କୁ ଉତ୍ସାହିତ କରି କହିବାକୁ ଚାହେଁ ଯେ, ବାଇବଲର ଈଶ୍ୱର ମୃତକୁ ପୁନର୍ଜୀବିତ କରିପାରନ୍ତି ଅର୍ଥାତ ସେ ମୃତବତ୍ ଓ ଆଶାଶୂନ୍ୟ ପରିସ୍ଥିତି ଓ ଅବସ୍ଥା ସବୁକୁ ଉଜ୍ଜୀବିତ କରିପାରନ୍ତି । ସେ ଚତୁଃପାର୍ଶ୍ୱର୍ସ୍ଥ ନିରାଶାଜନକ ପରିସ୍ଥିତି ସବୁକୁ ପରିବର୍ତ୍ତନ କରିବାରେ ସିଦ୍ଧହସ୍ତ ଅଟନ୍ତି । ସେ ଯଦି ଆପଣଙ୍କ ସପକ୍ଷ ତେବେ ଆପଣ ନିରାଶାଜନକ ପରିସ୍ଥିତିରେ ମଧ୍ୟ ଆଶାର ସହିତ ଅଗ୍ରସର ହୋଇପାରିବେ ।

ସବୁ କିଛି ଆଶାଶୂନ୍ୟ ମନେ ହେଉଥିବା ବେଳେ ଆପଣ ବିଜୟୀ ହୋଇ ବାହାରି ଆସିବେ । ଏହି ପୁସ୍ତକରେ ଉତ୍ସାହଜନକ ବାକ୍ୟ ରହିଛି ଯାହା ଆମମାନଙ୍କୁ ଆଶା ନ ହରାଇବାକୁ ପରାମର୍ଶ ଦିଏ । ଈଶ୍ୱରଙ୍କ ଠାରେ ଓ ତାହାଙ୍କ ବାକ୍ୟରେ ଭରସା ରଖନ୍ତୁ । ଆପଣଙ୍କ ଜୀବନ ସମ୍ପର୍କରେ ସେ କ'ଣ ପ୍ରତିଜ୍ଞା କରିଛନ୍ତି ସ୍ମରଣ କରନ୍ତୁ । **ଆଶାହରା ହୁଅନ୍ତୁ ନାହିଁ!**

All Peoples Church & World Outreach
319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org